## ସଂକ୍ଷେପରେ

### ୨୪ରେ ବିଶ୍ୱନାଥ ଏକାଡେମୀର ହୀରକ ଜୟନ୍ତୀ ଯୋଗଦେବେ ରାଜ୍ୟପାଳ

ଜଳେଶ୍ୱର, ୧୮।୫(ଡି.ଏନ.ଏ.)-ଉତ୍ତର ବାଲେଶ୍ୱରର ଅନ୍ୟତମ ପୁରାତନ ହାଇସ୍କୁଲ ଜମାଲପୁରସ୍ଥିତ ବିଶ୍ୱନାଥ ଏକାଡେମୀର ହୀରକ ଜୟନ୍ତୀ ଆସନ୍ତା ୨୪ ତାରିଖରେ ପାଳନ ହେବ। ପୁରାତନ ଛାତ୍ର ସଂଘ ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଏହା ପାଳନ ହେଉଥିବା ବେଳେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ବିଦ୍ୟାଳୟରୁ କଥାକାର ସ୍ୱର୍ଗତ ମନୋଜ ଦାସ, ପୂର୍ବତନ ଡିଜି ଗୋବିନ୍ଦ ସେନାପତି, ଗଙ୍ଗାନାରାୟଣ ରଥ, ଶମ୍ଭୁନାଥ ମିଶ୍ର ଭଳି ବହୁ ଛାତ୍ର ଅଧ୍ୟୟନ କରୁଛନ୍ତି। ସୁବର୍ଣ୍ଣରେଖା ନଦୀକୂଳରେ ଅବସ୍ଥିତ ଏହି ବିଦ୍ୟାଳୟକୁ ୧୯୩୮ ମସିହାରେ ତତ୍କାଳୀନ ଜମିଦାର ବିଶ୍ୱନାଥ ପରିଡା ୫୦ହଜାର ଟଙ୍କା ସରକାରଙ୍କଠାରେ ଜମା ରଖି ପ୍ରତିଷ୍ଠା କରିଥିଲେ। ଏଥିଲାଗି ସମସ୍ତ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଥିବା ବିଦ୍ୟାଳୟର ବହୁ ପୁରାତନ ଛାତ୍ରୀଛାତ୍ର, ଛାତ୍ରସଂଘ ସଭାପତି ନିତ୍ୟଗୋପାଳ ଦାସ ଓ ସମ୍ପାଦକ କୁଞ୍ଜ ବିହାରୀ ଦାସ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ସହିତ ସାମାଜିକ କର୍ମୀ ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

### କାଠ ବୋଝେଇ ଗାଡ଼ି ଜବତ

ଉଦଳା,୧୮।୫(ଡି.ଏନ.ଏ.)- ଉଦଳା ବନବିଭାଗ ଏକ କାଠ ବୋଝେଇ ପିକ୍‌ଅପ୍ ଭ୍ୟାନ ଜବତ କରିବା ସହିତ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଭୋର ସମୟରେ ବନ କର୍ମଚାରୀମାନେ ଫୁଲବାଡ଼ିଆ ଅଞ୍ଚଳରେ ଚଢ଼ାଉ କରି ଉକ୍ତ ଗାଡ଼ିକୁ ଜବତ କରିଥିଲେ। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ରେମୁଣା ଥାନା କାକାବରାଇ ଗ୍ରାମର ମହେଶ୍ୱର ହାତୀ ଏବଂ ଆଗରିଆ ଅଞ୍ଚଳର ରଜତ କୁମାର ସାମନ୍ତରାୟ। ଏହି ଦୁଇ ଜଣ ସ୍ଥାନୀୟ ଦେବକୁଣ୍ଡ ଅଞ୍ଚଳରୁ ବାଲେଶ୍ୱର ଜିଲାକୁ କାଠ ଚୋରାଚାଲାଣ କରୁଥିଲେ। ବନବିଭାଗ ଗାଡ଼ି ସହ ସେଥିରେ ଥିବା ନିମ୍ବ ଏବଂ ଗମ୍ଭାରୀ କାଠ ଜବତ କରିଛି। ଜବତ କାଠର ଆନୁମାନିକ ମୂଲ୍ୟ ୩୦ ହଜାର ଟଙ୍କାରୁ ଅଧିକ ହେବ ବୋଲି ବନବିଭାଗ ସୂଚନା ଦେଇଛି।

### ବସ୍-ଟ୍ରକ୍ ମୁହାଁମୁହିଁ ଧକ୍କା, ୧୦ରୁ ଊର୍ଦ୍ଧ୍ୱ ଗୁରୁତର

ଘଟଗାଁ,୧୮।୫(ଡି.ଏନ୍.ଏ.): କେନ୍ଦୁଝର ଜିଲା ଘଟଗାଁ ଥାନା ଅନ୍ତର୍ଗତ ପୋଇଜାମୁଲା ଛକ ୨୦ ନମ୍ବର ଜାତୀୟରାଜପଥ ନିକଟରେ ବୁଧବାର ଟ୍ରକ୍ ସହ ବସ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ୧୦ ଯାତ୍ରୀ ଗୁରୁତର ହୋଇଥିବା ବେଳେ ୫ ସାମାନ୍ୟ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ମା' ଦୁର୍ଗା ନାମକ ଘରୋଇ ବସ ୩୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ଯାଜପୁରରୁ କରଞ୍ଜିଆ ଯାଉଥିଲା। ପୋଇଜାମୁଲା ନିକଟରେ ଟ୍ରକ୍ ସହ ମୁହାଁମୁହିଁ ଧକ୍କା ହୋଇ ଉଭୟ ଗାଡ଼ି ରାସ୍ତା ତଳକୁ ଓଲଟି ପଡ଼ିଥିଲା। ୧୦୮ ଆମ୍ବୁଲାନ୍ସ ଓ ଅଗ୍ନିଶମ ବାହିନୀ ଗୁରୁତରଙ୍କୁ ଉଦ୍ଧାର କରି ଘଟଗାଁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଗୁରୁତରଙ୍କୁ କେନ୍ଦୁଝର ସ୍ଥାନାନ୍ତରିତ କରାଯାଇଥିଲା। ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

### ୧୦ ଫୁଟ୍ ଲମ୍ବର ଅଜଗର ଉଦ୍ଧାର

ପାଟଣା,୧୮।୫(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ରେଞ୍ଜ୍ ସାହାରପଡ଼ା ସେକ୍ସନ ରାଇଡ଼ିହା ବିଟ୍ ତାଳପଦା ଗାଁ ବେହେରା ସାହି ନିକଟ ଏକ ହୁଡ଼ି ନିକଟରୁ ଗୁରବାର ୧୦ଫୁଟ ଲମ୍ବର ଅଜଗରକୁ ବନ ବିଭାଗ ଉଦ୍ଧାର କରିଛି। ବନ କର୍ମଚାରୀ ସାପକୁ ଉଦ୍ଧାର କରି ନିକଟସ୍ଥ ବିରଳ ନଦୀରେ ଛାଡ଼ି ଦେଇଥିବା ରେଞ୍ଜର ଘାସିନାଥ ପାତ୍ର କହିଛନ୍ତି। ଗ୍ରାମର କିଛି ଲୋକ ହୁଡ଼ିରେ ଅଜଗରକୁ ଦେଖି ବନ ବିଭାଗକୁ ଖବର ଦେଇଥିଲେ।

### ମୁକୁଳିଶି ସୋସାଇଟି ଆଗରେ ଯୁବକଙ୍କ ଆତ୍ମାହୁତି ଉଦ୍ୟମ

ବସ୍ତା, ୧୮।୫(ଡି.ଏନ.ଏ.)-ବସ୍ତା ବ୍ଲକ ଅଧୀନ ମୁକୁଳିଶି ସୋସାଇଟି ଆଗରେ ରମେଶ ଚନ୍ଦ୍ର ପ୍ରଧାନ (୪୫) ଆତ୍ମାହୁତି ଉଦ୍ୟମ କରିଛନ୍ତି। ସ୍ଥାନୀୟ ବରଡ଼ା ଗ୍ରାମର ରମେଶ ଏକ ଗାଡ଼ି ଲୋନ୍ ପାଇଁ ସୋସାଇଟିର ସେକ୍ରେଟାରୀଙ୍କୁ ସାକ୍ଷାତ କରି ମାର୍ଜିନ ମନି ହିସାବରେ ୧, ୬୫୦୦୦/ ଟଙ୍କା ଗତ ମାର୍ଚ୍ଚରେ ଦେଇଥିଲେ। ଅଦ୍ୟାବଧି ତାଙ୍କର ଗାଡ଼ି ଲୋନ ହୋଇପାରି ନ ଥିଲା। ସେଥିରେ ସେ ଭାରସାମ୍ୟ ହରାଇ ପୂର୍ବାହ୍ନ ୧୦ଟା ବେଳେ ସ୍ଥାନୀୟ ସୋସାଇଟି ଆଗରେ ଆତ୍ମାହୂତି ଉଦ୍ୟମ କରିଥିଲେ। ପୋଲିସ୍ ଉପସ୍ଥିତିରେ ସ୍ଥାନୀୟ ଲୋକେ ଉଦ୍ଧାର କରି ବସ୍ତା ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି।

# ବଡ଼ଦାଣ୍ଡରୁ ହଟିବ ଜବରଦଖଲ

ଉଦଳା,୧୮।୫(ଡି.ଏନ.ଏ.)

ଉଦଳା ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଆଗାମୀ ରଥଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ସୁଶାନ୍ତ କୁମାର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ବିଧାୟକ ଭାସ୍କର ମଢେଇ, ନଗରପାଳ ପ୍ରମିଳା ପଣ୍ଡା , ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ମାଉସୀମା ମନ୍ଦିର କମିଟିର ସଭାପତି ଆଇନଜୀବୀ ଲମ୍ବୋଦର ବେହେରା, ଥାନା ଅଧିକାରୀ ନୀରୋଜ ସାମଲ, ଭାରପ୍ରାପ୍ତ ତହସିଲଦାର ପ୍ରିୟରଞ୍ଜନ ଜେନା ଓ ଜଗନ୍ନାଥ ମନ୍ଦିର କମିଟିର ସଭାପତି ସୋମନାଥ ସାହୁ




ବୈଠକରେ ଉପସ୍ଥିତ ଅଧିକାରୀ ଓ ମନ୍ଦିର ପରିଚାଳନା କମିଟିର କାର୍ଯ୍ୟକର୍ତ୍ତାମାନେ।

ଉପସ୍ଥିତ ରହି ରଥଯାତ୍ରା ପରିଚାଳନା ନେଇ ଆଲୋଚନା କରିଥିଲେ। ସମ୍ପାଦକ ଲକ୍ଷ୍ମଣ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ରଥଯାତ୍ରା ପୂର୍ବରୁ ବଡ଼ଦାଣ୍ଡରୁ ଜବରଦଖଲ ଉଚ୍ଛେଦ ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି ବଡ଼ଦାଣ୍ଡର ମରାମତି, ଆଲୋକୀକରଣ, ଆମିଷ ବିକ୍ରି ନିଷେଧ,

**ଉଦଳା ରଥଯାତ୍ରା ପ୍ରସ୍ତୁତି ବୈଠକ**

ଭିଡ଼ ନିୟନ୍ତ୍ରଣ, ଆଇନ ଶୃଙ୍ଖଳା ଓ ପାର୍କିଂ ବ୍ୟବସ୍ଥା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ରଥଯାତ୍ରା ପାଇଁ ବ୍ୟୟ ଅଟ୍ଟକଳ ଓ ଆର୍ଥିକ ଅନୁଦାନ ସମ୍ପର୍କରେ ମଧ୍ୟ ଆଲୋଚନା ପୂର୍ବକ ଚଳିତ ରଥଯାତ୍ରାକୁ ସରସସୁନ୍ଦର କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। କୋଷାଧ୍ୟକ୍ଷ ମନୋରଞ୍ଜନ ପାଢୀ ସଭା ସଞ୍ଚାଳନା କରିଥିଲେ। ପ୍ରଥମେ ଜଗନ୍ନାଥଙ୍କ ନିକଟରେ ଅତିଥିମାନେ ପୂଜାର୍ଚ୍ଚନା ପୂର୍ବକ ଧୂପ ଓ ଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଆରମ୍ଭ କରିଥିଲେ।


ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

balasoreselfie@gmail.com




@ଜ୍ୟୋତି



@ମଧୁସ୍ମିତା


ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।


## ସିନେମା ଦେଖାଇଲେ, ମଧ୍ୟାହ୍ନଭୋଜନ କରାଇଲେ



ଫିଲ୍ମ ହଲ୍ ପରିସରରେ ଯୁବନେତା ପରମାନନ୍ଦ ମହାପାତ୍ରଙ୍କ ସହ ଅନ୍ୟମାନେ।

ବାଲେଶ୍ୱର ଅଫିସ,୧୮।୫

ବାଲେଶ୍ୱର ରେଳଷ୍ଟେଶନ ପରିସରରେ ବନ୍ଦେ ଭାରତ ଏକ୍ସପ୍ରେସ୍‌ର ଶୁଭାରମ୍ଭ ପରିପ୍ରେକ୍ଷୀରେ ଗୁରୁବାର ଆୟୋଜିତ ଲାଇଭ୍ କାର୍ଯ୍ୟକ୍ରମ ଦେଖିବା ପାଇଁ ଜଳେଶ୍ୱର ଅଞ୍ଚଳରୁ ଶତାଧିକ ଲୋକ ପୂର୍ବାହ୍ନ ୯ଟାରେ ପହଞ୍ଚିଥିଲେ। ଦିବସବ୍ୟାପୀ କାର୍ଯ୍ୟକ୍ରମ ଚାଲିଥିବା ବେଳେ ଖରା ତାତିରୁ କେହି ବି ବର୍ତ୍ତି ନ ଥିଲେ। ଉକ୍ତ

**ବଦାନ୍ୟତା ଦେଖାଇଲେ ଯୁବନେତା**

ଅଞ୍ଚଳର ଯୁବନେତା ପରମାନନ୍ଦ ମହାପାତ୍ର ୧୩୫ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷଙ୍କୁ ଏକାଠି କରି ବାଲେଶ୍ୱର ସହରରେ ଥିବା ସିନେମା ହଲ୍‌କୁ ନେଇ ସିନେମା ଦେଖାଇଥିଲେ। ଏହି ସିନେମା ପୂର୍ବାହ୍ନ ୧୧ଟାରୁ ଆରମ୍ଭ ହୋଇ ମଧ୍ୟାହ୍ନ ୧ଟା ୩୫ ମିନିଟ୍‌ରେ ଶେଷ ହୋଇଥିଲା। ଫିଲ୍ମ ହଲ୍‌ରୁ ବାହାରିବା ପରେ ସେମାନଙ୍କୁ ମଧ୍ୟାହ୍ନଭୋଜନ କରାଇବା ସହ ପାନୀୟଜଳ ବ୍ୟବସ୍ଥା କରିଥିଲେ। ପରେ ସମସ୍ତେ ଆୟୋଜିତ କାର୍ଯ୍ୟକ୍ରମରେ ପହଞ୍ଚି ବନ୍ଦେ ଭାରତ ଏକ୍ସପ୍ରେସ୍‌ର ଶୁଭାରମ୍ଭ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ସପନ କୁମାର ବେହେରା, ଗୋପବନ୍ଧୁ ସାହୁ, ସତ୍ୟ ମହାପାତ୍ର, ଡ. ପ୍ରକାଶ ମହାପାତ୍ର, ଡ. ପ୍ରଳୟ ନାୟକ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

## ଓଇଏସ୍ ପରୀକ୍ଷାରେ ଭୁପେନଙ୍କ କୃତିତ୍ୱ

ପାଟଣା,୧୮।୫(ସ୍ୱ.ପ୍ର.)

ପ୍ରକାଶ ପାଇଥିବା ଓଇଏସ( ଓଡ଼ିଶା ଶିକ୍ଷା ସେବା) ପରୀକ୍ଷାରେ କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ତେଣ୍ଡେରା ଗ୍ରାମର ଭୁପେନ ମହାନ୍ତ କୃତକାର୍ଯ୍ୟ ହୋଇଛନ୍ତି। ସେ ରାଜ୍ୟସ୍ତରରେ ୮୬ସ୍ତରରେ ରହିଛନ୍ତି। ସେ ପାଟଣା ବ୍ଲକ୍ ଜାମୁପଶି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପିତାମ୍ବର ମହାନ୍ତଙ୍କ ପୁଅ ଅଟନ୍ତି। ଭୁପେନ ପୂର୍ବରୁ ଶିକ୍ଷା ସହାୟକ ଓ ଜୟପୁରର ସହକାରୀ ଲେବର ଅଫିସର ଭାବେ କାର୍ଯ୍ୟରତ ଥିଲେ। ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଇଛନ୍ତି।

## ସାବିତ୍ରୀ ପାଇଁ ଫଳ ଦର ଆକାଶଛୁଆଁ



ଏକ ଫଳ ଦୋକାନରେ ଗ୍ରାହକଙ୍କ ଭିଡ଼।

ଭଦ୍ରକ ଅଫିସ, ୧୮।୫

ସାବିତ୍ରୀ ବ୍ରତ ପାଇଁ ଭଦ୍ରକ ସହର ବଜାରରେ ଗ୍ରାହକଙ୍କ ଭିଡ଼ ଜମିଥିବା ବେଳେ ଫଳ ଦର ଆକାଶଛୁଆଁ ହୋଇଛି। ଶୁକ୍ରବାର ବ୍ରତଧାରୀମାନେ ସାବିତ୍ରୀଙ୍କୁ ପୂଜା କରି ବିଭିନ୍ନ ଫଳ ସମର୍ପଣ କରିଥାନ୍ତି। ବେପାରୀମାନେ ମନଇଚ୍ଛା ଦରରେ ଫଳ ସାମଗ୍ରୀ ବିକି ମାଲେମାଲ୍ ହେଉଛନ୍ତି। କେବଳ ଫଳ ନୁହେଁ, ଶାଢ଼ି ଓ କସ୍‌ମେଟିକ୍ ଦୋକାନରେ ମଧ୍ୟ ଗ୍ରାହକଙ୍କ ଭିଡ଼ ଜମିଥିଲା। କଚେରି ବଜାର ଫଳ ମାର୍କେଟରେ ଦୁଇଦିନ ଧରି ଗହଳି ଲାଗି ରହିଛି। ଆମ୍ବ କିଲୋ ୧୦୦ ଟଙ୍କାରେ ବିକ୍ରି ହେଉଥିବା ବେଳେ କଦଳୀ ଡଜନ ୯୦, ସପୁରୀ ଗୋଟାକୁ ୪୦, ନଡ଼ିଆ ଗୋଟାକୁ ୩୦, ଲିଚୁ ୧୫୦, ପଣସ ଗୋଟାକୁ ୧୫୦ରୁ ୨୦୦, ସେଓ ୨୦୦ ଓ ଅଙ୍ଗୁର ୧୦୦ ଟଙ୍କାରେ ବିକ୍ରି ହେଉଛି। ପାଚିଲା ଖଜୁରି କୋଳି ପରିବର୍ତ୍ତେ ଶୁଖିଲା, କଞ୍ଚା କୋଳି ଚଢ଼ାଦରରେ ବିକ୍ରି ହେଉଥିବା ବେଳେ ତାଳସଜ ଗୋଟା ୧୦ରୁ ୧୫ ଟଙ୍କା। ଦରଦାମ୍ ନିୟନ୍ତ୍ରଣ ସକାଶେ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର କମିଟି ଗଠନ କରାଯାଉଥିଲେ ମଧ୍ୟ ବଜାର ଭିଡ଼ ସମୟରେ କମିଟି ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା କେତେଜଣ ଗ୍ରାହକ ପ୍ରତିକ୍ରିୟା ପ୍ରକାଶ କରିଥିଲେ।

## ମହିଳା ସରପଞ୍ଚଙ୍କୁ ଦୁର୍ବ୍ୟବହାର: ଯୁବକଙ୍କ ନାମରେ ମାମଲା

ହାଟଡ଼ିହୀ,୧୮।୫(ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଶାଳନିଆ ପଞ୍ଚାୟତର ହରିଜନ ମହିଳା ସରପଞ୍ଚ ସୁମିତ୍ରା ଯେନାଙ୍କୁ ଦୁର୍ବ୍ୟବହାର ଅଭିଯୋଗ ହୋଇଛନ୍ତି। ଏ ନେଇ ସରପଞ୍ଚ ନନ୍ଦିପଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି ପୋଲିସ (ନଂ. ୧୧୮/୨୦୨୩, ନଂ. ୨୧/୨୦୨୩)ରେ ଏକ ମାମଲା ରୁଜୁ କରିଛି। ଅଭିଯୋଗ ଅନୁଯାୟୀ, ଗତ ୧୩ ତାରିଖରେ ସରପଞ୍ଚ ହାଟଡ଼ିହୀ ବ୍ଲକକୁ ଯାଉଥିଲେ। ସେହି ସମୟରେ ଚଣ୍ଡିବିରଞ୍ଚିପୁର ନିକଟରେ ଛିଡ଼ାହୋଇଥିବା ସୋଲପଟା ଗ୍ରାମର ହିମାଂଶୁ ଶେଖର ନାୟକ ସରପଞ୍ଚଙ୍କୁ ଧମକାଇ ୧୦ ହଜାର ଟଙ୍କା ମାଗିଥିଲେ। ଟଙ୍କା ନ ଦେଲେ ପଞ୍ଚାୟତ ବିରୋଧରେ ଖବର ପ୍ରସାରଣ କରି କୌଣସି କାମ କରାଇ ଦେବେନି ବୋଲି କହିଥିଲେ। ଏଥିସହ ସରପଞ୍ଚଙ୍କୁ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରି ଜାତିଆଣ ଆକ୍ଷେପ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ହିମାଂଶୁ ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗକୁ ଅସ୍ୱୀକାର କରିବା ସହ ଏହା ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି। ପ୍ରକାଶଯୋଗ୍ୟ, ଶାଳନିଆ ପଞ୍ଚାୟତ ସୋଲପଟା ମୌଜାରେ ଖେଳପଡ଼ିଆ ଉନ୍ନତିକରଣ କାର୍ଯ୍ୟରେ ଅନିୟମିତତା ନେଇ ସୋଲାପଟା ଗ୍ରାମର ହିମାଂଶୁ ଶେଖର ନାୟକ ନନ୍ଦିପଦା ଥାନାରେ ପିଇଓ ରମେଶ ମାଝୀ, ଜିଆରଏସ ଜ୍ୟୋତିସ୍ମିତା ସେନାପତି, ଯନ୍ତ୍ରୀ ଶ୍ରଦ୍ଧାଞ୍ଜଳି ସାହୁ ଏବଂ ଧୀରେନ୍ଦ୍ର ମହାଳିକଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ। ସୂଚନା ଅଧିକାର ବଳରେ ତଥ୍ୟ ପାଇବା ଆଳରେ ବିଭିନ୍ନ କର୍ମଚାରୀଙ୍କୁ ଚାନ୍ଦା ମାଗୁଥିବା କର୍ମଚାରୀମାନେ ବିଡିଓଙ୍କୁ ଅଭିଯୋଗ କରିଥିଲେ। ଏନେଇ ବିଡିଓ ବିନିତା ବିଜୟିନୀ ଚିଠି (ନଂ. ୧୫୩୭/୯ ମେ୨୦୨୩) ରେ ନନ୍ଦିପଦା ଥାନାରେ ଲିଖିତ ଭାବେ ଜଣାଇଥିଲେ। ଅଭିଯୋଗ ଆଧାରରେ ପୋଲିସ (ନଂ. ୧୧୯/୨୦୨୩ରେ ମାମଲା ରୁଜୁ କରିଛି।

## ରେଳ ଧାରଣାରୁ ମିଳିଲା ମୃତଦେହ

### ପାରିବାରିକ କଳହରୁ ଆତ୍ମହତ୍ୟା

ବନ୍ତ,୧୮।୫ (ଡି.ଏନ୍.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକ ନିଳୋକ ପଞ୍ଚାୟତର ଭଣ୍ଡାରଗଡିଆ ଗ୍ରାମର ପ୍ରଦ୍ୟୁମ୍ନ ଲେଙ୍କା(୪୨)ଙ୍କ ମୃତଦେହ ବୁଧବାର ରେଳ ଧାରଣାରୁ ମିଳିଛି। ପରିବାର ଲୋକଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଗତ କିଛିବର୍ଷ ଧରି ପ୍ରଦ୍ୟୁମ୍ନ ବାହାରେ ରହି ରୋଜଗାର କରି ପରିବାର ପ୍ରତିପୋଷଣ କରିଆସୁଥିଲେ। କିଛିଦିନ ହେଲା ସେ ପାରିବାରିକ କଳହ ଯୋଗୁ ମାନସିକ ଚାପରେ ରହୁଥିଲେ। ହଠାତ୍ ବୁଧବାର ରାତି ପ୍ରାୟ ସାଢ଼େ ୭ଟା ବେଳେ କେନ୍ଦୁଆପଦା ଷ୍ଟେଶନ ଓ ଦକ୍ଷିଣ କ୍ୟାବିନ ମଧ୍ୟରେ ଥିବା ୩ନଂ. ଡାଉନ୍ ରେଲୱେ ଲାଇନରେ ଏକ ମୃତଦେହ ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ ମୃତଦେହ ଦେଖି ଷ୍ଟେଶନ ମାଷ୍ଟରଙ୍କୁ ଜଣାଇବା ପରେ ଭଦ୍ରକ ଜିଆର୍‌ପିକୁ ଖବର ଦିଆଯାଇଥିଲା। ରାତି ସୁଦ୍ଧା ମୃତଦେହର ପରିଚୟ ମିଳିପାରି ନ ଥିଲା। ଗୁରବାର ସକାଳେ କୌଣସି ସୂତ୍ରରୁ ମୃତଦେହ ପ୍ରଦ୍ୟୁମ୍ନଙ୍କର ବୋଲି ଜାଣିବାକୁ ପାଇବା ପରେ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ଏନେଇ ଭଦ୍ରକ ଜିଆର୍‌ପି ଥାନାରେ ମାମଲା (ନଂ.୨୭/୨୩) ରୁଜୁ ସହ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ତେବେ ପାରିବାରିକ କଳହରୁ ମାନସିକ ଭାରସାମ୍ୟ ହରାଇ ପ୍ରଦ୍ୟୁମ୍ନ ଆତ୍ମହତ୍ୟା କରିଥିବା ତାଙ୍କ ସାନଭାଇ ନେତାଜୀ ଲେଙ୍କା କହିଛନ୍ତି। ମୃତ ପ୍ରଦ୍ୟୁମ୍ନଙ୍କର ସ୍ତ୍ରୀ ଓ ୨ ପୁଅ ଅଛନ୍ତି।

## ଗଛରେ ପିଟିହେଲା ବାଇକ୍, ଯୁବକ ମୃତ

ନୀଳଗିରି, ୧୮।୫(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଯୋଧ୍ୟା ଫାଣ୍ଡି ଅଧୀନ ତୁଳସୀଡ଼ିହା ନିକଟସ୍ଥ ଜଙ୍ଗଲ ପାର୍ଶ୍ୱସ୍ଥ ଗଛରେ ବାଇକ୍ ବାଡେଇ ହୋଇଯିବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପଞ୍ଚଲିଙ୍ଗେଶ୍ୱର ଅଞ୍ଚଳର ରାମଚନ୍ଦ୍ର। ପାରିବାରିକ କଳହ ଯୋଗୁ ତାଙ୍କ ସ୍ତ୍ରୀ ବାପ ଘର କେଶୁରା ବଡ଼ବିଲ ପଳାଇ ଯାଇଥିବାରୁ ନିଜ ୭ ବର୍ଷର ଝିଅକୁ ଛାଡ଼ିବା ପାଇଁ ଯାଇଥିଲେ। ଝିଅକୁ ଛାଡ଼ି ଫେରୁଥିବା ବେଳେ ତୁଳସୀଡ଼ିହା ଜଙ୍ଗଲ ରାସ୍ତାରେ ଭାରସାମ୍ୟ ହରାଇ ଏକ ଗଛକୁ ବାଡ଼େଇ ହୋଇ ଖସି ପଡ଼ିଥିଲେ। ସେଠାରେ ପଡିଥିବା ଏକ ବଡ଼ ପଥରରେ ମୁଣ୍ଡ ବାଡ଼େଇ ହୋଇଯାଇଥିଲା। ଜଙ୍ଗଲ ରାସ୍ତା ନିଛାଟିଆ ହୋଇଥିବାରୁ ତାଙ୍କୁ କେହି ଦେଖିପାରି ନ ଥିଲେ। ଗୁରୁବାର କେତେଜଣ ବାଟୋଇ ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଛି।

## ପାଣି ବୋତଲ ଉତ୍ପାଦନ ୟୁନିଟ୍ ସିଲ୍



ଅଧିକାରୀମାନେ ପାନୀୟଜଳ ବୋତଲ ଉତ୍ପାଦନ ୟୁନିଟ୍‌ରେ ଚଢ଼ାଉ କରୁଛନ୍ତି।

ଭଦ୍ରକ ଅଫିସ/ସ୍ୱ.ପ୍ର.,୧୮।୫

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ବରପଦାଠାରେ ଥିବା ନାୟକ ଏଣ୍ଟରପ୍ରାଇଜେସ୍‌ର ପାନୀୟ ଜଳ ବୋତଲ ପ୍ରସ୍ତୁତି ଓ ପ୍ୟାକେଜିଂ ୟୁନିଟ୍‌ରେ ଗୁରୁବାର ଜିଲା ଖାଦ୍ୟ ନିରାପତ୍ତା ବିଭାଗ ଚଢ଼ାଉ କରି ସିଲ୍ କରିଛି। ଏହି ଉଦ୍ୟୋଗର ବିଆଇଏସ୍ ପ୍ରମାଣପତ୍ରର ଅବଧି ଶେଷ ହୋଇଯାଇଥିଲେ ମଧ୍ୟ ତା'ର ନବୀକରଣ କରା ନ ଯାଇ ଉତ୍ପାଦନ

**ଖାଦ୍ୟ ନିରାପତ୍ତା ବିଭାଗର ଚଢ଼ାଉ**

ଚାଲୁ ରହିଥିଲା। ଖାଦ୍ୟ ନିରାପତ୍ତା ବିଭାଗର ଡେଜିଗ୍‌ନେଟେଡ୍ ଅଧିକାରୀ ତଥା ଡିପିଏଚ୍‌ଓ ଡା. ଭାରତୀ ରାଉତଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା। ଜିଲା ଖାଦ୍ୟ ନିରାପତ୍ତା ଅଧିକାରୀ ବିଭୁଦତ୍ତ ଦାସଙ୍କ ସହ ପୋଲିସ ଓ ଟିମ୍‌ର ଅନ୍ୟ କର୍ମଚାରୀ ଚଢ଼ାଉରେ ସାମିଲ ଥିଲେ। ସେଠାରେ ଥିବା ସମସ୍ତ ପାନୀୟ ବୋତଲ ପ୍ୟାକେଟ ନଷ୍ଟ କରି ଦିଆଯାଇଛି।

**ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି**

## ତ୍ୱରିତ ପଦକ୍ଷେପକୁ ଗୁରୁତ୍ୱ




ବୈଠକରେ ଉପସ୍ଥିତ ଅଧିକାରୀ ଓ ଲୋକ ପ୍ରତିନିଧି।

କେନ୍ଦୁଝର,୧୮।୫(ଡି.ଏନ୍.ଏ.)

ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ବୁଧବାର କେନ୍ଦୁଝର ଦରବାର ହଲଠାରେ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଶିଷ ଠାକ୍‌ରେ ଅଧ୍ୟକ୍ଷତା କରି ଜିଲାରେ ବନ୍ୟା, ବାତ୍ୟା ଆଦି ବିପର୍ଯ୍ୟୟ ଘଟିଲେ ତ୍ୱରିତ ପଦକ୍ଷେପ ଗ୍ରହଣ କରି ଉଦ୍ଧାର, ରିଲିଫ୍ ବ୍ୟବସ୍ଥା ତ୍ୱରାନ୍ୱିତ କରାଯିବା ସହ ଗର୍ଭବତୀ ମହିଳା, ଶିଶୁ, ବୃଦ୍ଧଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର, ପ୍ରାଣୀ ସମ୍ପଦର ସମ୍ପୂର୍ଣ୍ଣ ସୁରକ୍ଷା କରାଯିବା ସହ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ସମସ୍ତ ବ୍ଲକ, ସବ୍‌ଡିଭିଜନସ୍ତରରେ କାର୍ଯ୍ୟକ୍ଷମ ରଖାଯିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ତେଲକୋଇ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରେମାନନ୍ଦ ନାୟକ, ଅତିରିକ୍ତ ଜିଲାପାଳ ସୁଷମା ବିଲୁଙ୍ଗ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଆନନ୍ଦପୁର ଡିଏଫ୍‌ଓ ଅଭୟ କୁମାର ଦଳେଇ, ଆଇଏଏସ୍ ପ୍ରୋବେସନର ଧିମାନ ଚକ୍ମା, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କିଶୋର କୁମାର ପୃଷ୍ଟି, କେନ୍ଦୁଝର ଉପଜିଲାପାଳ ରାମଚନ୍ଦ୍ର କିସ୍କୁ, ଆନନ୍ଦପୁର ଉପଜିଲାପାଳ ଅନୀଲ କୁମାର ସେଠୀ, ଡିଆଇବି ଡିଏସ୍‌ପି ଇନ୍ଦୁରେଖା ପଶ୍ଚିମକବାଟ, ଜିଲା ଆପାତ୍ତକାଳୀନ ଅଧିକାରିଣୀ ସୁରଞ୍ଜିକା ବେହେରାଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲାସ୍ତରୀୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ପୌରପାଳିକା ଓ ଏନ୍‌ଏସି ଅଧିକାରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲା ବିପର୍ଯ୍ୟୟ ପରିଚାଳନା ଆକ୍ସନ ପ୍ଲାନ୍ ୨୦୨୩-୨୪କୁ ସର୍ବସମ୍ମତି କ୍ରମରେ ମଞ୍ଜୁର କରାଯାଇଥିଲା। ଆପାତ୍ତକାଳୀନ ଅଧିକାରିଣୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଜବରଦଖଲ ଉଚ୍ଛେଦ

ବଡ଼ସାହି,୧୮।୫(ସ୍ୱ.ପ୍ର.)- ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅନ୍ତର୍ଗତ ମାଣତ୍ରୀ ବଜାରରେ ବୁଧବାର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ବ୍ୟାଙ୍କ ଅଫ ଇଣ୍ଡିଆ ସମ୍ମୁଖରେ ଥିବା ଦୋକାନ ଗୃହଗୁଡ଼ିକ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ବ୍ୟାଙ୍କକୁ ଭଡ଼ା ସୂତ୍ରରେ ଦେଇଥିବା ଗୃହ ମାଲିକ ଶ୍ରୀଧର ସାହୁ ଏନେଇ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ ଏବଂ ବ୍ୟାଙ୍କ ସମ୍ମୁଖରେ ଥିବା ଦୋକାନଗୁଡ଼ିକ ଭାଙ୍ଗିବା ପାଇଁ ବଡ଼ସାହି ତହସିଲଦାରଙ୍କୁ ନ୍ୟାୟଳୟ ନିର୍ଦ୍ଦେଶ ଦେଇଥିଲେ। ପ୍ରଥମ ଥର ତହସିଲଦାର ଉଚ୍ଛେଦ କରିବାକୁ ଆସି ସ୍ଥାନୀୟ ଲୋକଙ୍କର ପ୍ରବଳ ବିରୋଧର ସମ୍ମୁଖୀନ ହୋଇ ଫେରି ଯାଇଥିଲେ। ପରେ ପୁଣି ଶ୍ରୀଧର ଏନେଇ ନ୍ୟାୟାଳୟର ଦୃଷ୍ଟି ଆକର୍ଷଣ କରିଥିଲେ। ବୁଧବାର ବଡ଼ସାହି ତହସିଲଦାର ଗଦାଧର ଧୋଳ, ରାଜସ୍ୱ ବିଭାଗର କର୍ମଚାରୀ ଓ ପୋଲିସ ସହାୟତାରେ ବେଆଇନ ଦଖଲ ଗୃହ ଗୁଡିକ ଭାଙ୍ଗି ଦେଇଥିଲେ। ଏଥିରେ ବୈଶିଙ୍ଗା ଥାନାଧିକାରୀଙ୍କ ସହିତ ଦେଢ଼ ପ୍ଲାଟୁନ ପୋଲିସ ନିୟୋଜିତ ହୋଇଥିଲେ। ଉଚ୍ଛେଦ ହୋଇଥିବା ଦୋକାନୀମାନେ ଗରିବ ଶ୍ରେଣୀର ହୋଇଥିବାରୁ ସେମାନଙ୍କୁ ଅନ୍ୟତ୍ର ଥଇଥାନ କରିବାକୁ ସାଧାରଣରେ ଦାବି କରାଯାଇଛି।

### ମିଶନ ଶକ୍ତି ଗୃହ ଉଦ୍‌ଘାଟିତ

ଜଳେଶ୍ୱର, ୧୮।୫(ଡି.ଏନ.ଏ.)-ଜଳେଶ୍ୱର ପୌରପରିଷଦର ୧୧ନଂ. ୱାର୍ଡରେ ସ୍ୱୟଂ ସହାୟକ ଗୋଷ୍ଠୀର ମାତୃଶକ୍ତିଙ୍କ ନିମନ୍ତେ ଏକ ମିଶନଶକ୍ତି ଗୃହ୍ ଉଦ୍‌ଘାଟନ ହୋଇଯାଇଛି। ଏହି ଗୃହକୁ ପୌରପାଳ ପ୍ରତୀପ ପ୍ରଧାନ ଉଦ୍‌ଘାଟନ କରିଥିବା ବେଳେ ପୌର ଅଧିକାରୀ ଅଜୟ ମହାପାତ୍ର ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପନଗରପାଳ ପ୍ରତିନିଧି ବିଜୟ କାମିଲା, ସତ୍ୟଦାସ ମହାପାତ୍ର, ବିଜେଡି ନଗର ସଭାପତି ସୁରଜିତ ଘୋଷ, ଆନନ୍ଦ କର, କାଉନ୍‌ସିଲର ସୁରଜ ଚୌରାସିଆ, ସଞ୍ଜୀବ ପାଳ, ଚିତ୍ତରଞ୍ଜନ ମହାନ୍ତି, କବିତା ଧଳ ଓ ଜଗଦୀଶ ନନ୍ଦୀ ପ୍ରମୁଖ ଉପସ୍ଥିତ ଥିଲେ।

### ହନୁମାନ ମନ୍ଦିର ନିର୍ମାଣ ଲାଗି ଭୂମିପୂଜା

ବୈଶିଙ୍ଗା,୧୮।୫(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ବଜାରସ୍ଥିତ ହନୁମାନଙ୍କ ବିଗ୍ରହ ପାଇଁ ମନ୍ଦିର ପ୍ରତିଷ୍ଠା ଉଦ୍ଦେଶ୍ୟରେ ବୁଧବାର ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ଦିନ ହେଲା ୧୮ନଂ. ଜାତୀୟ ରାଜପଥ ତଥା ବୈଶିଙ୍ଗା ବନପାଳ କାର୍ଯ୍ୟାଳୟ ପାର୍ଶ୍ୱରେ ହନୁମାନଙ୍କର ଏକ ବିରାଟ ବିଗ୍ରହ ଥିବାବେଳେ ଏହାର ଉପରେ ଆଜବେଷ୍ଟସ ଛପର ଥିଲା। ହେଲେ ୩ ବର୍ଷ ପୂର୍ବେ ଜାତୀୟ ରାଜପଥ ସମ୍ପ୍ରସାରଣ ହେବା ସମୟରେ ଉକ୍ତ ସ୍ଥାନରୁ ହନୁମାନଙ୍କ ବିଗ୍ରହ ଉଠାଯିବା ସହିତ ଅସ୍ଥାୟୀ ମନ୍ଦିର ଘରଟିକୁ ଭାଙ୍ଗି ଦିଆଯାଇଥିଲା। ସେହି ଦିନଠାରୁ ହନୁମାନଙ୍କ ବିଗ୍ରହ ଖୋଲା ଆକାଶ ତଳେ ଖରା ବର୍ଷା କାକରରେ ପଡିଥିବାବେଳେ ବୁଧବାର ସ୍ଥାନୀୟ ଅଞ୍ଚଳର ଶତାଧିକ ଭକ୍ତ ଏକତ୍ରିତ ହୋଇ ରାସ୍ତା ପାର୍ଶ୍ୱରେ ନୂତନ ହନୁମାନ ମନ୍ଦିର ପ୍ରତିଷ୍ଠା ନିମନ୍ତେ ଭୂମିପୂଜନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ 'ବଜରଙ୍ଗୀ କମିଟି' ର ମୁଖ୍ୟ ଉପଦେଷ୍ଟା ସନ୍ଥ ଆଚାର୍ଯ୍ୟ ବିଜୟ ଦାସ, ସଭାପତି ଗଦାଧର ମଣ୍ଡଳ, ସମ୍ପାଦକ ବିଶ୍ୱମ୍ବର ରାଉତଙ୍କ ସମେତ ସତ୍ୟବ୍ରତ ମହାପାତ୍ର, ଜନ୍ମେଜୟ ଭଟ, ସତ୍ୟଜିତ ପାଣି, ଜୟନ୍ତ ପରିଡା, ଶିବାନନ୍ଦ ପୁଥାଳ ପ୍ରମୁଖ ପରିଚାଳନା କରିଥିଲେ।

# 'ବେକାରି ସମସ୍ୟା ଦୂର ପାଇଁ ଇସ୍ପାତ କାରଖାନା ଜରୁରୀ'

କେନ୍ଦୁଝର,୧୮।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲାରେ ବେକାରି ସମସ୍ୟା ଉତ୍କଟ ମହାମାରୀ ସଦୃଶ ହୋଇଗଲାଣି। ଜିଲାରେ ଛୋଟ ଛୋଟ ପ୍ଲାଣ୍ଟ୍ ଗୁଡ଼ିକ ବନ୍ଦ ହେଇଗଲାଣି। ଖଣି ଖାଦାନରେ କାମ ନ ପାଇ ଲୋକେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଜିଲାରୁ ବେକାରି ସମସ୍ୟା ଦୂର କରିବାକୁ ହେଲେ ଏକ ବୃହତ୍ ଇସ୍ପାତ କାରଖାନା ପ୍ରତିଷ୍ଠା ଜରୁରୀ ବୋଲି ସ୍ଥାନୀୟ କଂଗ୍ରେସ ଭବନଠାରେ ବୁଧବାର ଅନୁଷ୍ଠିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ରାଜ୍ୟ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର କହିଛନ୍ତି। ସେହିପରି କେନ୍ଦୁଝର ଏକ କୃଷି



ବନ୍ଧୁମିଳନ କାର୍ଯ୍ୟକ୍ରମରେ କଂଗ୍ରେସ ନେତା ଓ କର୍ମୀ।

ବହୁଳ ଜିଲା। ଅଧିକାଂଶ ଲୋକ କୃଷି ଉପରେ ନିର୍ଭର କରନ୍ତି। କିନ୍ତୁ ଜିଲାରେ ଜଳସେଚନର ବ୍ୟବସ୍ଥା ନାହିଁ କି, ତାହାର କୌଣସି ପ୍ରତିକାର ନାହିଁ। ଖଣି ଖାଦାନ ଯୋଗୁ ବଣ ଜଙ୍ଗଲ ନଷ୍ଟ ହୋଇଗଲାଣି। ଏଣୁ ଜଳସେଚନ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ କୃଷିର ବିକାଶ ପାଇଁ ଭିତ୍ତିଭୂମିର ବିକାଶ ଜରୁରୀ ବୋଲି କହିଛନ୍ତି। ଏଥିସହ ଜିଲାରେ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ, ରାସ୍ତାଘାଟ, ବିଜୁଳି କାଟ, ପ୍ରମୁଖ ମହାବିଦ୍ୟାଳୟ ଗୁଡ଼ିକରେ ଅଧ୍ୟାପିକା-ଅଧ୍ୟାପକ ଅଭାବ, ଜିଲାର ଖଣିଜ ପ୍ରତିଷ୍ଠାନ ପାଣ୍ଠି ରହିଥିଲେ ହେଁ ଠିକ୍ ଉପଯୋଗ ହେଉ ନ ଥିବା ଆଦି ବିଷୟରେ ଆଲୋଚନା ହୋଇଥିଲା। ସବୁ ସମସ୍ୟାର ସମାଧାନ ପାଇଁ ଆଗାମୀ ଦିନରେ କଂଗ୍ରେସ ଆନ୍ଦୋଳନ କରିବାକୁ ବାଧ୍ୟ ହେବ ବୋଲି ଚେତାବନୀ ଦେଇଛନ୍ତି। ଜିଲା ସଭାପତି ବିପ୍ଳବ ମିଶ୍ର, ପୂର୍ବତନ ଜିଲା ସଭାପତି ମୋହନ ପରିଡ଼ା, ସୁଢ଼ୋଳ ସେଠୀ, ରତ୍ନାକର ଜେନା, ଉତ୍ତମ ସାହୁ ସମେତ ବରିଷ୍ଠ କଂଗ୍ରେସ ନେତା ଉପସ୍ଥିତ ଥିଲେ।

# କେନ୍ଦୁଝର ଜିଲାକୁ ମିଳିପାରେ ମନ୍ତ୍ରୀ ପଦ

## ଜଗନ୍ନାଥ, ବଦ୍ରି, ମୀନାକ୍ଷୀଙ୍କୁ ନେଇ ଚର୍ଚ୍ଚା

ପାଟଣା,୧୮।୫(ସ୍ୱ.ପ୍ର.)

ରାଜ୍ୟ ମନ୍ତ୍ରିମଣ୍ଡଳର ୨ ମନ୍ତ୍ରୀ ଓ ବାଚସ୍ପତି ଗତ ଶୁକ୍ରବାର ଇସ୍ତଫା ଦେଇଛନ୍ତି। ଶନିବାର ଝାରସୁଗୁଡ଼ାରୁ ଦୀପାଳି ଦାସ ବିପୁଳ ଭୋଟ ବ୍ୟବଧାନରେ ଉପନିର୍ବାଚନରେ ବିଜୟୀ ହେବା ପରେ ପାୱାର କରିଡରରେ ମନ୍ତ୍ରିମଣ୍ଡଳ ପୁର୍ନଗଠନକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଛି। ତେବେ ଏଥର ପୁର୍ନଗଠନ ପ୍ରକ୍ରିୟାରେ ମନ୍ତ୍ରୀଶୂନ୍ୟ ଜିଲା କେନ୍ଦୁଝରକୁ ମନ୍ତ୍ରୀ ପଦ ମିଳିବା ନେଇ ଚର୍ଚ୍ଚା ଜୋରଧରିଛି।

୨୦୨୪ ସାଧାରଣ ନିର୍ବାଚନକୁ ଆଖିଆଗରେ ରଖି ବିଜେଡି ସୁପ୍ରିମୋ ଜିଲାରେ ସଂଗଠନ ମଜଭୁତ କରିବାକୁ ଜିଲାରୁ ଜଣେ ଦକ୍ଷ ନେତାଙ୍କୁ ମନ୍ତ୍ରୀ କରିପାରନ୍ତି ବୋଲି ଆଲୋଚନା ହେଉଛି। ବିଜେଡି ମୁଖିଆ ପାଟଣା ନିର୍ବାଚନ ମଣ୍ଡଳୀରୁ ପ୍ରଥମ ଥର ବିଧାୟକ ହୋଇଥିବା ଜଗନ୍ନାଥ ନାଏକଙ୍କ ଉପରେ ଆସ୍ଥା ରଖି ଜିଲା ଯୋଜନା କମିଟି ଅଧ୍ୟକ୍ଷ ଭଳି ଗୁରୁଦାୟିତ୍ୱ ଦେଇଛନ୍ତି। ତେବେ ଜିଲାକୁ ଯଦି ମନ୍ତ୍ରୀ ପଦ ମିଳିବ ସେ ନେଇ ଜଗନ୍ନାଥଙ୍କ କଥା ଆଗେ ଆଲୋଚନା ହେବ ବୋଲି ରାଜନୈତିକ ବିଶ୍ଳେଷକ କହୁଛନ୍ତି। ଅନ୍ୟପକ୍ଷରେ ଘଷିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର ଓ ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତଙ୍କୁ ମଧ୍ୟ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିବା ନେଇ ସେମାନଙ୍କ ସମର୍ଥକଙ୍କ ମହଲରେ ଚର୍ଚ୍ଚା ହେଉଛି। ବଦ୍ରି ଜଣେ ଅନୁଭୂତି ସମ୍ପନ୍ନ ନେତା ହୋଇଥିବା ବେଳେ ଜଣେ ଟାଣୁଆ ସଂଗଠକ ଭାବେ ଜଣା। ତେଣୁ ବିଜେଡି ସୁପ୍ରିମୋ ତାଙ୍କ ଉପରେ ପୁଣି ଆସ୍ଥା ପ୍ରକଟ କରିପାରନ୍ତି ବୋଲି କୁହାଯାଉଛି। ସେହିପରି ଜିଲାରେ ମହିଳା ସଂଗଠନ ମଜଭୁତ କରିବା ପାଇଁ ମୀନାକ୍ଷୀଙ୍କୁ ନୂତନ ଭାବେ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇପାରେ ବୋଲି ଆଲୋଚନା ହେଉଛି।

# ପ୍ରତିଷ୍ଠା ହେବ ୧୩ ନୂତନ ସମବାୟ ସମିତି




ଉଦ୍‌ଘାଟନ ଉତ୍ସବରେ ବିଧାୟକ ଓ ଅନ୍ୟ ଅତିଥିମାନେ।

ବାସୁଦେବପୁର,୧୮।୫(ଡି.ଏନ.ଏ.)

## କିସ୍ମତକୃଷ୍ଣପୁର ସେବା ସମବାୟ ସମିତି ଉଦ୍‌ଘାଟିତ

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କିସ୍ମତକୃଷ୍ଣପୁର ପଞ୍ଚାୟତର ନଳବାଙ୍କଠାରେ କିସ୍ମତକୃଷ୍ଣପୁର ସେବା ସମବାୟ ସମିତି କାର୍ଯ୍ୟାଳୟ ବୁଧବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଉଦ୍‌ଘାଟନ କରି ସମବାୟ ସମିତି ନୂତନ କରି ଏହି ପଞ୍ଚାୟତରେ ହୋଇଥିବାରୁ ଚାଷୀମାନେ ସଭ୍ୟ ହୋଇ ସୁପରିଚାଳନାରେ ସହଭାଗିତା ହେବାକୁ ପରାମର୍ଶ ଦେଇଥିଲେ। ଏହି ବ୍ଲକରେ ୧୩ଟି ନୂତନ ସେବା ସମବାୟ ସମିତି ଗଠନ ହେବ ବୋଲି ବିଧାୟକ କହିଥିଲେ। ବିଧାୟକଙ୍କ ପ୍ରତିନିଧି ଅସିତ ଦାଶଙ୍କ ସଭାପତିତ୍ୱରେ ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ଉପାଧ୍ୟକ୍ଷା ମାଧୁରୀ ବାରିକ, ସରପଞ୍ଚ ସନ୍ଧ୍ୟାରାଣୀ ବାରିକ, ବିଡିଓ ସତ୍ୟଜିତ ରଉତ, ବିପିଏମ୍ ବୀଣାପାଣି ପଣ୍ଡା, ସେବା ସମବାୟ ସମିତି ବିଭାଗ ଇନ୍ସପେକ୍ଟର ମୃତ୍ୟୁଞ୍ଜୟ ପଣ୍ଡା, ଅବିନାଶ ସାବତ, ପୂର୍ବତନ ସମିତିସଭ୍ୟ ତଥା ସମିତି ସଭାପତି ରତିକାନ୍ତ ବାରିକ, ରାମଚନ୍ଦ୍ର ବାରିକ, ପୂର୍ବତନ ସରପଞ୍ଚ ଜଗବନ୍ଧୁ ଖିଲାର, ଶରତ ବାରିକ, ଗୁଣମଣି ସେନାପତି, ଦେବଦର୍ଶନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ନିରବଚ୍ଛିନ୍ନ ସେବା ପ୍ରଦାନକାରୀ ସମ୍ମାନିତ

ବାଲେଶ୍ୱର ଅଫିସ, ୧୮।୫

ବାଲେଶ୍ୱର ଜିଲାରେ ଅନ୍ତର୍ଜାତୀୟ ଆର୍ଟ ଅଫ୍ ଗିଭିଂ ଦିବସ ଅର୍ମୋଳା କିସ୍ ଶାଖାର ଆସିଷ୍ଟାଣ୍ଟ ସିଇଓ ବୈଶାଖୀ ଦାସଙ୍କ ତତ୍ତ୍ୱାବଧାନରେ ବୁଧବାର ଦିବସବ୍ୟାପୀ ପାଳିତ ହୋଇଛି। ଏହି ଅବସରରେ ସମାଜରେ ନିରବଚ୍ଛିନ୍ନ ଭାବରେ ସେବା ପ୍ରଦାନ କରୁଥିବା ବ୍ୟକ୍ତିବିଶେଷଙ୍କୁ ଭେଟି ଉପହାର ପ୍ରଦାନ କରାଯାଇଥିଲା। ବାଲେଶ୍ୱର ପୌରପାଳିକାର ୩୦ସଫେଇ କର୍ମଚାରୀ, ୨୦ ଆମ୍ବୁଲାନ୍ସ ଡ୍ରାଇଭର, ୫୦ଆଶାକର୍ମୀ, ୨୦ ବାରିକ, ୨୦ ଟ୍ରାଫିକ ପୋଲିସ୍, ୩୦ ଅଟୋ ଡ୍ରାଇଭରଙ୍କୁ ସମ୍ମାନିତ କରଯାଇଥିବା ବେଳେ ୨୦ ଭିକ୍ଷୁକଙ୍କୁ ବିଭିନ୍ନ ଉପହାର ପ୍ରଦାନ କରଯାଇଥିଲା। ପରେ ବାଲେଶ୍ୱର ବାଲେଶ୍ୱର ଭଦ୍ରକ ସେଣ୍ଟ୍ରାଲ କୋ-ଅପରେଟିଭ୍ (ବିବିସିସି) ବ୍ୟାଙ୍କ ୟୁନିୟନ ହଲ୍‌ରେ ଏକ ସଭା ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବରେ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଯୋଗଦେଇ 'ଆର୍ଟ ଅଫ୍ ଗିଭିଂ' ହେଉଛି ଦୟା ଓ ଉଦାରତା ମାଧ୍ୟମରେ ଅନ୍ୟକୁ ପୂର୍ଣ୍ଣମାତ୍ରାରେ ସ୍ନେହ, ଶାନ୍ତି, ଖୁସି ଏବଂ ସନ୍ତୋଷ ଦେବା ନିମନ୍ତେ ଏକ ପ୍ରୟାସ। କିଟ୍ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ। ଅତିଥି ଭାବେ କବି ପ୍ରଶାନ୍ତ ଦାସ, ବିବିସିସି ବ୍ୟାଙ୍କ ସଭାପତି ଗଣେଶ ପ୍ରସାଦ ମହାପାତ୍ର, ଖବରଦାତା ଉବାଚକ ମହାନ୍ତି ଉପସ୍ଥିତ ଥିଲେ। ଅର୍ମୋଳା କିସ୍ ଶାଖାର ଏକ୍‌ଜିକ୍ୟୁଟିଭ୍ ଷ୍ଟାଫ ଆଶୁତୋଷ ଦାସ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ସ୍କୁଲ ପରିସରରେ ପାଳନ ହେଲା 'ଆର୍ଟ ଅଫ୍ ଗିଭିଂ'




'ଆର୍ଟ ଅଫ୍ ଗିଭିଂ' ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି।

ନୀଳଗିରି,୧୮।୫(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ନୀଳଗିରି ଇଂଲିଶ ମିଡିୟମ ସ୍କୁଲ ପରିସରରେ ପ୍ରଫେସର ଅଚ୍ୟୁତ ସାମନ୍ତଙ୍କ ପ୍ରେରଣାରେ କିଟ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ଦଶମ ଅନ୍ତର୍ଜାତିକ 'ଆର୍ଟ ଅଫ ଗିଭିଂ' ଦିବସ ପାଳିତ ହୋଇଯାଇଛି। ପ୍ରତିଷ୍ଠାତା ଡ. ଗଦାଧର ବେହେରାଙ୍କ ଉପସ୍ଥିତିରେ ଅଧ୍ୟକ୍ଷ ମମତା ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ବାବା ପଞ୍ଚଲିଙ୍ଗେଶ୍ୱର ସ୍ନାତକ ମହାବିଦ୍ୟାଳୟର ଅଧ୍ୟାପକ ଡ. ଅକ୍ଷୟ କୁମାର ପାଣିଗ୍ରାହୀ କିଟ୍ ବିଶ୍ୱବିଦ୍ୟାଳୟ ଏବଂ 'ଆର୍ଟ ଅଫ ଗିଭିଂ'ର ଆଭିମୁଖ୍ୟ ଜଣାଇଥିଲେ। ଏଥିରେ ଜଗା ବିନ୍ଧାଣୀ ଗୁଡ଼ିଖାଣିଆ, ଦଶରଥ ମୁର୍ମୁ ଗୁଡ଼ିଖାଣିଆ, ଉଷାମୁଖୀ ସାନଅତା, ଲକ୍ଷ୍ମୀ ପ୍ରିୟ ବଇଠା ବରିସାହି, ମଧୁସ୍ମିତା ବଇଠା ବାରିସାହି, ମହେଶ୍ୱର ଜେନା ରାଇଗାଁ, କୈଳାଶ ସିଂ ରାଇଗାଁ, ତପସ୍ୱିନୀ ସିଂ ରାଇଗାଁ, କାଜଲ ସିଂ ରାଇଗାଁ, ସୁଭଦ୍ରା ସିଂ ରାଇଗାଁ, ଫୁଲ ସିଂ ରାଇଗାଁ, ବବିତା ବେହେରା ସାନଅତା ପ୍ରମୁଖ ୧୨ଜଣଙ୍କୁ ଖାଦ୍ୟ ଓ ବସ୍ତ୍ର ପ୍ରଦାନ କରାଯାଇଥିଲା। ଏଥିରେ ସାମାଜିକ କର୍ମୀ ଗୁନୁ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଣଶିକ୍ଷକ କର୍ମଚାରୀମାନେ ସହଯୋଗ କରିଥିଲେ। ଅନୁରୂପ ଭାବେ ନୀଳଗିରି ଥାନା ଅଧିନ ସନ୍ତରାଗଡ଼ିଆ ବାବପଞ୍ଚଲିଙ୍ଗେଶ୍ୱର ସ୍ନାତକ ମହାବିଦ୍ୟାଳୟ ପରିସରରେ 'ଆର୍ଟ ଅଫ ଗିଭିଂ' ଦିବସ ପାଳିତ ହୋଇଛି।

# ସମ୍ପାଦିକାଙ୍କ ବିରୋଧରେ ଅଭିଯୋଗ ଆଣିଲେ ସଭାନେତ୍ରୀ

## ବିଏଲ୍‌ଏଫ୍ ଆକାଉଣ୍ଟରୁ ଅର୍ଥ ଆତ୍ମସାତ୍

ଆନନ୍ଦପୁର,୧୮।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ହାଟଡ଼ିହୀ ବ୍ଲକ୍ ବିଏଲ୍‌ଏଫ୍ (ବ୍ଲକ୍ ଲେବ୍ଲଲ ଫେଡ୍‌ରେସନ)ଆକାଉଣ୍ଟରୁ ଅର୍ଥ ଆତ୍ମସାତ୍ ଅଭିଯୋଗ ହୋଇଛି। ସମ୍ପାଦିକା ପୂର୍ବତନ ସଭାପତିଙ୍କ ପ୍ରରୋଚନାରେ ଅନିୟମିତତା କରୁଥିବା ସଭାନେତ୍ରୀ ସାବିତ୍ରୀ ସା କହିଛନ୍ତି। ଏନେଇ ସଭାନେତ୍ରୀଙ୍କ ସମେତ ସଦସ୍ୟ ସଞ୍ଜୁଲତା ମଲ୍ଲିକ, ମନୋଜାମଞ୍ଜରୀ ପାତ୍ର, ଉଷାରାଣୀ ସାହୁ, ସସ୍ମିତା ଜେନା, ଆରତୀ ମହାପାତ୍ର, ଭାଗ୍ୟଶ୍ରୀ ରାଉତ, ତିଳୋତ୍ତମା ରାଉତ, ପଦ୍ମାବତୀ ଶତପଥି, ପୁଷ୍ପଲତା ସ୍ୱାଇଁ ପ୍ରମୁଖ ଆନନ୍ଦପୁର ଉପଜିଲାପାଳଙ୍କୁ ଭେଟିଛନ୍ତି। ଅଭିଯୋଗରେ ଦର୍ଶାଇଛନ୍ତି, ୧୩ ଜାନୁୟାରୀ ୨୦୨୧ରେ ଶାଢ଼ି କିଣା ବାବଦକୁ ସିଡିପିଓ ଓ ବିପିସିଙ୍କ ଅଗୋଚରରେ ସମ୍ପାଦିକାଙ୍କ ପ୍ରତ୍ୟେକ୍ଷ



ଅଭିଯୋଗ କରିବାକୁ ଆସିଥିବା ବିଏଲ୍‌ଏଫ୍ ସଦସ୍ୟ।

ତତ୍ତ୍ୱାବଧାନରେ ଅର୍ଥ ଉଠାଣ କରାଯାଇଥିଲା। ଅଭିଯୋଗ ପରେ ବିଏଲଏଫ ଆକାଉଣ୍ଟକୁ ଅର୍ଥ ଫେରସ୍ତ ନିର୍ଦ୍ଦେଶ ହୋଇଥିଲା। ଅଦ୍ୟାବଧି ସମ୍ପୂର୍ଣ୍ଣ ଅର୍ଥ ଫେରସ୍ତ ହୋଇ ନ ଥିବାର ଅଭିଯୋଗ ସହିତ ସେପ୍ଟେମ୍ବର ମାସ ୨୦୨୨ ରେ ଲୋନ୍‌ରୁ ଆଦାୟ ହୋଇଥିବା ୩୦୮୭୧ ଟଙ୍କା କିସ୍ତି ୨୦୨୩ ଜାନୁୟାରୀରେ ଜମା କରିବା, କ୍ଷମତାର ଅପବ୍ୟବହାର କରି ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ନନ୍ଦପଦା ଶାଖାରେ କଳିଙ୍ଗା ଜିପିଏଲଏଫ ଜମାଖାତାରେ ଟଙ୍କା ନେଣଦେଣକୁ ବନ୍ଦ ରଖିବାକୁ ଦରଖାସ୍ତ ଦେବା, ବ୍ୟାଙ୍କ ମିତ୍ର ସିଆରପି ଓ ଏମବିକେ ଚୟନରେ ଅନିୟମିତତା ପାଇଁ ବାଧ କରାଯିବା ଭଳି ବହୁ ଅନିୟମିତତା ସମ୍ପର୍କରେ ଅଭିଯୋଗ ହୋଇଥିବା ସଭାନେତ୍ରୀ ସା ପ୍ରକାଶ କରିଛନ୍ତି। ଘଟଣାର ତଦନ୍ତ କରାଯାଇ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି।

# ଜିଲାପାଳଙ୍କୁ ହିତାଧିକାରୀଙ୍କ ଦାବିପତ୍ର

## ପିଡିଏସ୍ ସାମଗ୍ରୀ ବଣ୍ଟନରେ ଅବ୍ୟବସ୍ଥା

କୋଡ଼ପଡ଼ା,୧୮।୫(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଘସିପୁରା ବ୍ଲକ୍ ଅନ୍ତର୍ଗତ ଖଲଣା ପଞ୍ଚାୟତରେ ତିନିମାସ ଧରି ପିଡ଼ିଏସ ସାମଗ୍ରୀ ବଣ୍ଟନରେ ଅବ୍ୟବସ୍ଥା ଦେଖାଯାଇଛି। ଏ ନେଇ ଶତାଧିକ ହିତାଧିକାରୀ ମଙ୍ଗଳବାର ଆନନ୍ଦପୁର ଉପ-ଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ, ପିଡିଏସ୍ ସାମଗ୍ରୀ ପଞ୍ଚାୟତ ଗୋଦାମ ଘରେ ବଣ୍ଟନ କରା ନ ଯାଇ ଅନ୍ୟତ୍ର ବଣ୍ଟନ କରାଯାଉଛି। ଦୀର୍ଘ ତିନିମାସ ଧରି ଏଭଳି ସମସ୍ୟା ଲାଗି ରହିଥିବା ବେଳେ ଦାୟିତ୍ୱରେ ଥିବା ବ୍ଲକ୍‌ର ଯୋଗାଣ ଅଧିକାରୀଙ୍କଠାରୁ ଆରମ୍ଭ କରି କେନ୍ଦୁଝର ଜିଲାପାଳଙ୍କୁ ବାରମ୍ବାର ଜଣାଇବା ସତ୍ତ୍ୱେ କୌଣସି ସ୍ଥାୟୀ ସମାଧାନ କରାଯାଉନାହିଁ। ଏହାର ସମାଧାନ ନ ହେଲେ ଆଗାମୀ ଦିନରେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ରତ୍ନାକର ଶା, ମଦନ ମୋହନ ରାଉତ, ଟିକନ ମାଝୀ, ଦୁଃଶାସନ ମାଝୀ, ରବି ରାଉତ, ରମାକାନ୍ତ ଶା, ସନାତନ ଶା, କୈଳାଶ ଚରଣ ସାହୁ, ଜୟ ପ୍ରକାଶ ଓଝା, ରଜନୀ ବେହେରା ପ୍ରମୁଖ ଆନନ୍ଦପୁର ଉପଜିଲାପାଳ ଅନିଲ କୁମାର ସେଠୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହାର ଏକକିତା ନକଲ ମୁଖ୍ୟମନ୍ତ୍ରୀ, ଜିଲାପାଳ, ଘଷିପୁରା ବିଡିଓ, ଆନନ୍ଦପୁର ଏସଡିପିଓ, ଆଇଆଇସି ରାମଚନ୍ଦ୍ରପୁରଙ୍କ ନିକଟକୁ ପଠାଯାଇଥିବାର ଜଣାଯାଇଛି।

# 'ଆଧ୍ୟାତ୍ମିକତା ଜ୍ଞାନ ଛାତ୍ରୀଛାତ୍ରଙ୍କୁ ସଂସ୍କାରିତ କରେ'

## ବିଏନ୍‌ଏମ୍‌ଏ କଲେଜର ବାର୍ଷିକୋତ୍ସବ

ତିହିଡ଼ି,୧୮।୫( ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ପାଳିଆବିନ୍ଧାସ୍ଥିତ ବିରଞ୍ଚି ନାରାୟଣ ମାଧବ ଅର୍ଜ୍ଜୁନ (ବିଏନ୍‌ଏମ୍‌ଏ) କଲେଜର ବାର୍ଷିକୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଛାତ୍ର ସଂସଦ, ନାଟ୍ୟ ସଂସଦ ଓ ଯୁକ୍ତ ୨ ସାଂସ୍କୃତିକ ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ଅଧ୍ୟକ୍ଷ ପ୍ରାଧ୍ୟାପକ ଅମୂଲ୍ୟ କୁମାର ପରିଡ଼ା ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଆଚାର୍ଯ୍ୟ ହେମନ୍ତ କୁମାର ପଣ୍ଡା, ବରେଣ୍ୟ ଅତିଥି କଲେଜର ପ୍ରତିଷ୍ଠାତା ସଦସ୍ୟ ବସନ୍ତ କୁମାର ନାୟକ ଓ ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ଅନ୍ୟତମ ଅତିଥି



କଲେଜ ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିମାନେ।

ଭାବେ ଜିଲା ପରିଷଦ ସଭ୍ୟା ରୁଜାତା ପଣ୍ଡା, ଆଧ୍ୟାତ୍ମିକ ପ୍ରବକ୍ତା ପଦ୍ମଲୋଚନ ସାମଲ, ସଙ୍ଗୀତଜ୍ଞ ଶାନ୍ତିଲତା ଦୀକ୍ଷିତ ଓ ସରପଞ୍ଚ ଯଶୋଦା ମଲ୍ଲିକ ଯୋଗଦେଇ କହିଥିଲେ, ଶିକ୍ଷା ପରି ଆଧ୍ୟାତ୍ମିକତା ଜ୍ଞାନ ଛାତ୍ରୀଛାତ୍ରଙ୍କୁ ସଂସ୍କାରିତ କରିଥାଏ। ଯାହାଦ୍ୱାରା ସେମାନେ ଭବିଷ୍ୟତରେ ଭଲ ମଣିଷ ହୋଇପାରିବେ।

ପ୍ରାରମ୍ଭରେ ଅତିଥିମାନେ କଲେଜର ପ୍ରାଚୀରପତ୍ର 'ତାରୁଣ୍ୟ'କୁ ଉନ୍ମୋଚନ କରିବା ସହ ପ୍ରତିଷ୍ଠାତା ଅର୍ଜ୍ଜୁନ ଚରଣ ବଳଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବିବରଣୀ ପାଠ କରିଥିଲେ ଛାତ୍ରସଂସଦ ଉପଦେଷ୍ଟା ଅଧ୍ୟାପକ ସରୋଜ କୁମାର ମହାପାତ୍ର। ନାଟ୍ୟ ସଂସଦ ଉପସଭାପତି ଅଧ୍ୟାପକ ଗୋବିନ୍ଦ ଚନ୍ଦ୍ର ବାଗ ସ୍ୱାଗତ ଭାଷଣ ଓ ସାଂସ୍କୃତିକ ସଂସଦ ଉପସଭାପତି ଡ. ବିଶ୍ୱରଞ୍ଜନ ଦାସ ଅତିଥି ପରିଚୟ ଦେଇଥିଲେ। ଡ. ସୁଜାତା ଗିରି ବେଦପାଠ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପ୍ରଦୀପ କୁମାର ମିଶ୍ର, ସୁଧାଂଶୁ ପଣ୍ଡା, ତପନ ନାୟକ, ସ୍ୱପ୍ନା ରାୟ, ଚିନ୍ମୟୀ ସେନାପତି, ଅନିତା ତ୍ରିପାଠୀ, ଭାଗୀରଥି ଜେନା ପ୍ରମୁଖ ଅଧ୍ୟାପିକା ଅଧ୍ୟାପକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅଧାରେ ଅଟକିଛି ଡ୍ରେନ୍, ପାଚେରି ନିର୍ମାଣ

## ମହତୀପୁର-ଚରମ୍ପା ରାସ୍ତା

ଖଇରା, ୧୮।୫(ଡି.ଏନ.ଏ.)

ବାଲେଶ୍ୱର-ଭଦ୍ରକ ୨ ଜିଲାକୁ ସଂଯୋଗ କରୁଥିବା ମହତୀପୁର-ଚରମ୍ପା ଭାୟା ବାରାପୁର ରାସ୍ତା ନିର୍ମାଣ ଚାଲିଥିବା ବେଳେ ବିଭିନ୍ନ ଗ୍ରାମରେ ଡ୍ରେନ ଓ ପାଚେରି ନିର୍ମାଣ କାର୍ଯ୍ୟକୁ ଅସମ୍ପୂର୍ଣ୍ଣ ଛାଡି ଦିଆଯାଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ତୁରନ୍ତ ଏହାକୁ ସମ୍ପୂର୍ଣ୍ଣ କରାଯିବାକୁ ଝିଙ୍କିରିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ମଧୁସୂଦନ ମାଝି, ପ୍ରାକ୍ତନ ନାଏବ ସରପଞ୍ଚ ମଧୁସୂଦନ ଦାସ, ବୁଦ୍ଧିରାମ ଦାସ, ତରାପୁର ଗ୍ରାମର ସରସ୍ୱତୀ ପରିଡା, ଅଲିପୁର ଗ୍ରାମର ସୌରଭ ପୃଷ୍ଟି, ସଞ୍ଜୟ ପ୍ରକାଶ ଦାସ ଓ ଜୟନ୍ତ ପାତ୍ର ପ୍ରମୁଖ ଦାବି କରିଛନ୍ତି। ଅଲିପୁରଠାରେ ଡ୍ରେନ କାମ ସରିଥିଲେ ହେଁ ଏହା ଉପରେ ଘୋଡଣି ନ ଥିବାରୁ ଦୈନନ୍ଦିନ ଗୃହପାଳିତ ପ୍ରାଣୀ, ଛୋଟ ପିଲା ଦୁର୍ଘଟଣାର ଶିକାର ହେଉଛନ୍ତି। ସେହିଭଳି ତୋଟାପଡା ଓ ତରାପୁର ଗ୍ରାମ ନିକଟରେ



ପଟିରାଜପୁର ଗ୍ରାମ ନିକଟରେ ରାସ୍ତା ଉପରେ ବାଡ଼ ଯୋଗୁ ଅଟକି ରହିଥିବା ରାସ୍ତା।

ରାସ୍ତାକଡ ପାଚେରିକୁ ଅଧାରେ ଛାଡି ଦିଆଯାଇଥିବାରୁ ଆଗାମୀ ବର୍ଷାଋତୁରେ ନୟନଯୋରି ପାଣିରେ ରାସ୍ତା ଧୋଇଯିବାର ଆଶଙ୍କା ଦେଖାଦେଇଛି। ଏହାଛଡା କରାଣ୍ଡିଆ ନାଳ କଡରେ ନିର୍ମିତ ହୋଇଥିବା ପାଚେରିକୁ ଆଗାମୀ ବନ୍ୟାକୁ ଦୃଷ୍ଟିରେ ରଖି ଏହାକୁ ଅଧିକ ଉଚ୍ଚ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ପଟିରାଜପୁରର ଜଣେ ଶିକ୍ଷୟିତ୍ରୀ ସରକାରୀ ଜାଗାରେ ବାଡ ବସାଇଥିବା ବେଳେ ଏହା ରାସ୍ତା ପ୍ରଶସ୍ତୀକରଣରେ ବାଧକ ସାଜିଛି । ତୁରନ୍ତ ରାସ୍ତାକୁ ଜବରଦଖଲମୁକ୍ତ କରିବାକୁ ଉକ୍ତ ଗ୍ରାମର ହରେକୃଷ୍ଣ ସାମଲ, ମାନସ କୁମାର ପଣ୍ଡା ଓ ଗୋବିନ୍ଦ ପରିଡାଙ୍କ ସମେତ ଶତାଧିକ ଗ୍ରାମବାସୀ ଦାବି କରିଛନ୍ତି । ଏ ସମ୍ପର୍କରେ ତହସିଲଦାର ପ୍ରଶାନ୍ତ କୁମାର ମହାରଣାଙ୍କୁ ଯୋଗାଯୋଗ କରିବାରେ ଯଦି ମାପରେ ଶିକ୍ଷୟିତ୍ରୀ ଜଣକ ସରକାରୀ ଜାଗା ଜବରଦଖଲ କରିଥିବା ଜଣାପଡେ ତେବେ ଏହାକୁ ନିଶ୍ଚୟ ଏହାକୁ ଖାଲି କରାଯିବ। ସେହିଭଳି ଅଲିପୁରଠାରେ ଅସମ୍ପୂର୍ଣ୍ଣ ଡ୍ରେନ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀଯନ୍ତ୍ରୀ ପ୍ରୀତିରଞ୍ଜନ ସାମଲଙ୍କୁ ଯୋଗାଯୋଗ କରିବାରେ ଘୋଡଣି ବ୍ୟବସ୍ଥା ସମ୍ପର୍କରେ ଠିକାଦାରଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି।

# ବାଲେଶ୍ୱର ଜିଲାରେ ପାସ୍ ହାର ୯୬.୦୫%

## 'ଏ ୧', 'ଏ ୨' ଓ 'ବି ୧' ଗ୍ରେଡ୍‌ରେ ବାଲେଶ୍ୱର ରାଜ୍ୟରେ ପ୍ରଥମ

**ବାଲେଶ୍ୱର ଅଫିସ,୧୮।୫**

ମାଟ୍ରିକ ପରୀକ୍ଷା ଫଳାଫଳ ବାହାରିବା ପରେ ବାଲେଶ୍ୱର ଜିଲାରେ ମୋଟ୍ ପାସ୍ ହାର ୯୬.୦୫% ହୋଇଛି। 'ଏ ୧', 'ଏ ୨' ଓ 'ବି ୧' ଗ୍ରେଡ୍‌ରେ ବାଲେଶ୍ୱର ଜିଲା ରାଜ୍ୟରେ ପ୍ରଥମ ସ୍ଥାନରେ ରହିଛି।

ଚଳିତବର୍ଷ ଜିଲାରେ ୫୨୦ ଉଚ୍ଚ ବିଦ୍ୟାଳୟର ୩୦ହଜାର ୪୭୦ଜଣ ପରୀକ୍ଷାର୍ଥୀ ପରୀକ୍ଷା ନିମନ୍ତେ ଫର୍ମ ପୂରଣ କରିଥିଲେ। ସେଥିମଧ୍ୟରୁ ୮୪୬ ଜଣ ପରୀକ୍ଷା ଦେଇ ନ ଥିଲେ। ପରୀକ୍ଷା ଦେଇଥିବା ୨୯ ହଜାର ୬୨୪ ଜଣଙ୍କ ମଧ୍ୟରୁ ୧୪ହଜାର ୩୮୬ଜଣ ପୁଅ ଏବଂ ୧୪ ହଜାର ୮୮୧ ଝିଅ ପାସ୍ କରିଥିବା ବେଳେ ୩୫୭ ଜଣ ଫେଲ୍ ହୋଇଛନ୍ତି। ସେଥିମଧ୍ୟରୁ 'ଏ ୧' ଗ୍ରେଡ୍‌ରେ ୭୫୦, 'ଏ ୨' ରେ ୪ହଜାର ୫୫, 'ବି ୧'ରେ ୬ହଜାର ୨୨୩, 'ବି ୨'ରେ ୬ହଜାର ୭୮, 'ସି'ରେ ୫ହଜାର ୨୭୭, 'ଡି'ରେ ୪ହଜାର ୧୨୪, 'ଇ'ରେ ୨ହଜାର ୭୬୦ ଏବଂ 'ଏଫ୍' ଗ୍ରେଡ୍‌ରେ ୩୫୬ଜଣ ପାସ୍ ହୋଇଛନ୍ତି। ସେହିପରି ଏକ୍ସ-ରେଗୁଲାରରେ ମୋଟ ୩୭ ସ୍କୁଲର ୪୦ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିବା ବେଳେ ୩୬ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୧୬ଛାତ୍ରୀ ଓ ୧୧ ଛାତ୍ର ପାସ୍ କରିଥିବା ବେଳେ ପାସ୍ ହାର ୬୭.୫୦% ରହିଛି।

# ରାଜଲକ୍ଷ୍ମୀ, ରତ୍ନସାଗର ବାଲେଶ୍ୱର ଜିଲା ଟପ୍ପର


ରାଜଲକ୍ଷ୍ମୀ ପଣ୍ଡା।


ରତ୍ନ ସାଗର ଦାସ।

ଭୋଗରାଇ, ୧୮।୫(ଡି.ଏନ.ଏ.)-ବାଲେଶ୍ୱର ଜିଲା ଭୋଗରାଇ ବ୍ଲକର ଦକ୍ଷିଣ ତେଘରୀ ହାଇସ୍କୁଲର ଛାତ୍ରୀ ରାଜଲକ୍ଷ୍ମୀ ପଣ୍ଡା ଓ ଥାନାଛକ ସ୍ଥିତ ଶିଶୁମନ୍ଦିର ଛାତ୍ର କାଳାହି ପ୍ରଫୁଲ୍ଲ ପଙ୍କଜିନୀ ବିଦ୍ୟାମନ୍ଦିରର ରତ୍ନସାଗର ଦାସ ୫୮୨ (୯୭%) ନମ୍ବର ରଖି ଯୁଗ୍ମ ଭାବେ ଜିଲାରେ ଟପ୍ପର ହୋଇଛନ୍ତି। ହୁଗୁଳି ଗ୍ରାମର ତନୁଶ୍ରୀ ପଣ୍ଡା ଓ ମନୋଜ କୁମାର ପଣ୍ଡାଙ୍କ ଝିଅ ରାଜଲକ୍ଷ୍ମୀ ପରୀକ୍ଷା ଫଳରେ ସନ୍ତୋଷ ପ୍ରକାଶ କରିଛନ୍ତି। ଏକ ସରକାରୀ ମହାବିଦ୍ୟାଳୟରେ ବିଜ୍ଞାନ ବିଷୟ ନେଇ ପଢ଼ିବା ସହିତ ଜଣେ ଭଲ ଅଧ୍ୟାପିକା ହେବାର ସ୍ୱପ୍ନ ରହିଛି। ଦୈନିକ ସେ ୬ ଘଣ୍ଟାରୁ ଅଧିକ ପରିଶ୍ରମ କରୁଥିଲେ। ସ୍କୁଲରେ ପଢ଼ାଯାଉଥିବା ପାଠକୁ ସେ ଭଲ ଭାବେ ବୁଝିବା ସହ ଲେଖିବା ଅଭ୍ୟାସ କରୁଥିଲେ। ସେହିପରି ଭୋଗରାଇ କୁସୁଟି ଗ୍ରାମର ଗୃହିଣୀ ଅଞ୍ଜୁରାଣୀ ଦାସ ଓ ସରକାରୀ ଶିକ୍ଷକ ପ୍ରଦୀପ କୁମାର ଦାସଙ୍କ ପୁଅ ରତ୍ନସାଗର ୧୨ରୁ ଅଧିକ ଘଣ୍ଟା ପଢ଼ା ପାଇଁ ମନନିବେଶ କରୁଥିଲେ। ଆବାସିକ ମହାବିଦ୍ୟାଳୟରେ ବିଜ୍ଞାନ ବିଷୟ ନେଇ ପଢ଼ିବା ସହ ଜଣେ ପ୍ରଶାସନିକ ଅଧିକାରୀ ହେବାକୁ ସ୍ୱପ୍ନ ରହିଛି ବୋଲି ସେ କହିଛନ୍ତି।

# ଭଦ୍ରକରେ ପାସ୍ ହାର ୯୬.୩୫% ସୁବ୍ରତ ଜିଲା ଟପ୍ପର

**ଭଦ୍ରକ ଅଫିସ/ ଭଣ୍ଡାରିପୋଖରୀ(ସ୍ୱ.ପ୍ର.), ୧୮।୫**

## ଛାତ୍ରଙ୍କ ତୁଳନାରେ ଛାତ୍ରୀ ପାସ୍ ହାର ଅଧିକ

ମାଟ୍ରିକ୍ ପରୀକ୍ଷା ଫଳରେ ଭଦ୍ରକ ଜିଲାରେ ପାସ୍‌ହାର ୯୬.୩୫ ପ୍ରତିଶତ ରହିଛି। ଛାତ୍ରଙ୍କ ତୁଳନାରେ ଛାତ୍ରୀଙ୍କ ପାସ୍‌ହାର ଅଧିକ। ଭଦ୍ରକ ମଞ୍ଜୁଳା ମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ର ସୁବ୍ରତ ନାୟକ ୫୭୭ ନମ୍ବର ରଖି ଜିଲା ଟପ୍ପର ହୋଇଛନ୍ତି। ଭଣ୍ଡାରିପୋଖରୀ ବ୍ଲକର ଶୁଭସ୍ମିତା ରାଉତ ୫୭୫ ନମ୍ବର ରଖି ଜିଲାରେ ଦ୍ୱିତୀୟ ହୋଇଥିବା ବେଳେ ବ୍ଲକ ଟପ୍ପର ଓ ଦୀପ୍ତିସ୍ମିତା ନାୟକ ୫୭୪ ନମ୍ବର ରଖି ଜିଲାରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

ଜିଲାରେ ୩୧୮ ହାଇସ୍କୁଲର ମୋଟ ୨୦,୯୩୩ ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୩୮୧ ଜଣ ପରୀକ୍ଷା ଦେଇ ନ ଥିଲେ। ପରୀକ୍ଷା ଦେଇଥିବା ୨୦,୫୫୨ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୦,୧୬୯ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଜିଲା ଶିକ୍ଷା ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏ-୧ ରେ ୧୭୦, ଏ-୨ରେ ୯୩୧, ବି-୧ରେ ୨,୦୫୯, ବି-୨ରେ ୩,୬୭୬, ସି ରେ ୪୭୯୫, ଡି ରେ ୪,୭୬୨ ଓ ଇ ଗ୍ରେଡ୍ ୩,୬୭୬ଜଣ ପାଇଛନ୍ତି। ଜିଲାରେ ୧୦,୨୩୫ଜଣ ଛାତ୍ରୀ ଓ ୯,୯୩୪ ଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଭଦ୍ରକ ମଞ୍ଜୁଳା ମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପରୀକ୍ଷାଫଳ ଅପେକ୍ଷାକୃତ ଭଲ ହୋଇଛି। ସୁବ୍ରତ ଟପ୍ପର ହୋଇଥିବା ବେଳେ ଶିଶୁମନ୍ଦିର ଛାତ୍ର ଜୁଏଲଜ୍ୟୋତି ବେହେରା ୫୭୧ ନମ୍ବର ରଖି ବିଦ୍ୟାଳୟରେ ଦ୍ୱିତୀୟ ଓ ଛାତ୍ରୀ ସ୍ୱର୍ଣ୍ଣପ୍ରଭା ପଣ୍ଡା ୫୭୦ ନମ୍ବର ରଖି ତୃତୀୟ ହୋଇଛନ୍ତି।

### 'ଜେଜେଙ୍କ ଇଚ୍ଛା ପୂରଣ କରିବି'



୯୬.୧୬ ପ୍ରତିଶତ ନମ୍ବର ରଖି ଜିଲା ଟପ୍ପର ହୋଇଥିବାରୁ ମୁଁ ବହୁତ ଖୁସି। ମୋ ଜେଜେଙ୍କର ଇଚ୍ଛା ଥିଲା ମୁଁ ଜଣେ ଭଲ ଡାକ୍ତର ହେବି। ତାଙ୍କ ଇଚ୍ଛା ପୂରଣ ପାଇଁ ମୁଁ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛି। ମା' ବାପା ଓ ଗୁରୁମା ଗୁରୁଜୀଙ୍କ ଆର୍ଶୀବାଦରୁ ସଫଳତା ମିଳିଛି।

**-ସୁବ୍ରତ ନାୟକ, ଜିଲା ଟପ୍ପର। ମଞ୍ଜୁଳା ମଞ୍ଜରୀ ବିଦ୍ୟାମନ୍ଦିର ଛାତ୍ର।**

### 'ମୁଁ ଡାକ୍ତର ହେବି'



-ଦିନକୁ ୭ରୁ ୮ ଘଣ୍ଟା ପରିଶ୍ରମ କରୁଥିଲି। ଏ-୧ ଗ୍ରେଡ୍ ପାଇଛି। ମା'ବାପା ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପ୍ରେରଣାରେ ଏହି ସଫଳତା ମିଳିଛି। ଛୋଟବେଳୁ ରୋଗୀମାନଙ୍କ ସେବା କରିବାକୁ ଇଚ୍ଛା ଅଛି। ଏଣୁ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛି।

**-ସ୍ୱର୍ଣ୍ଣପ୍ରଭା ପଣ୍ଡା, ମଞ୍ଜୁଳା ମଞ୍ଜରୀ ବିଦ୍ୟାମନ୍ଦିର ଛାତ୍ରୀ।**

# ମୟୂରଭଞ୍ଜ: ଛାତ୍ରଙ୍କୁ ଟପିଲେ ଛାତ୍ରୀ

**ବାରିପଦା ଅଫିସ,୧୮।୫**

## ପାସ୍ ହାର ୯୫.୩୯ ପ୍ରତିଶତ

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ୨୦୨୩ ମାଟ୍ରିକ ପରୀକ୍ଷା ଫଳ ଗୁରୁବାର ପ୍ରକାଶ ପାଇଛି। ଏହି ପରୀକ୍ଷାରେ ମୟୂରଭଞ୍ଜ ଜିଲାର ୯୫.୩୯ ପ୍ରତିଶତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଜିଲାର ୬୧୧ଟି ହାଇସ୍କୁଲର ୩୪,୪୧୭ ଜଣ ନିୟମିତ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିବା ବେଳେ ୧୦୦୧ ଜଣ ଅନୁପସ୍ଥିତ ଥିଲେ। ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩୨,୮୩୧ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୭,୮୩୬ ଜଣ ବାଳିକା ଥିବାବେଳେ ୧୪,୯୯୫ ଜଣ ବାଳକ ଅଛନ୍ତି। ଛାତ୍ରଙ୍କ ତୁଳନାରେ ଛାତ୍ରୀମାନେ ଅଧିକ ସଫଳତା ହାସଲ କରିଛନ୍ତି। ଏ-୧ରେ ୧୨୯ଜଣ ସ୍ଥାନ ପାଇଥିବା ବେଳେ ଏ-୨ରେ ୯୧୯, ବି-୧ରେ ୨୯୩୪, ବି-୨ରେ ୫୭୨୭, ସି ଗ୍ରେଡ୍‌ରେ ୮୩୮୦, ଡି ଗ୍ରେଡ୍‌ରେ ୮୭୭୬, ଇ ଗ୍ରେଡ୍‌ରେ ୫୯୬୬ ଜଣ ପାସ୍ କରିଛନ୍ତି। ତେବେ ୫୬୬ ଜଣ ଫେଲ୍ ହୋଇଥିବା ବେଳେ ୧୯ ଜଣ କପି କରି ଧରା ପଡ଼ିଥିବାରୁ ତାଙ୍କର ଫଳାଫଳ ରଦ୍ଦ କରାଯାଇଛି।

# ସାଇ ବିଦ୍ୟା ମନ୍ଦିର, ପିସିସିର ସଫଳତା

**ବାରିପଦା ଅଫିସ,୧୮।୫**

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷାରେ ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ସାଇ ବିଦ୍ୟାମନ୍ଦିର ଓ ପିସିସିର ଛାତ୍ରୀଛାତ୍ରମାନେ ସଫଳତା ହାସଲ କରିଛନ୍ତି। ଗୁଣାତ୍ମକ ଶିକ୍ଷାରେ ସମୃଦ୍ଧ ସାଇ ବିଦ୍ୟା ମନ୍ଦିରର ସାଇଜ୍ୟୋତି ମହାନ୍ତି ସର୍ବାଧିକ ୫୮୪ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଦେଇଛନ୍ତି। ସେହିପରି ଦେବରାଜ ସିଂ ୫୭୬, ଅମିତ ମହାରଣା ୫୬୮, ପ୍ରିୟଙ୍କା କଣ୍ଡେଲକଲ ୫୬୬, ସୁରଞ୍ଜନ ଦାଶ ୫୬୨, ରିତୁପୂର୍ଣ୍ଣା ମହାନ୍ତ ୫୫୫, ବିଶ୍ୱନାଥ କିସ୍କୁ ୫୫୩, ବିଶ୍ୱ ପ୍ରକାଶ ମହାନ୍ତ ଓ ମନିଷ ପୋଥାଳ ୫୫୨, ରବି ନାରାୟଣ ପଣ୍ଡା ୫୫୧, ଚିନ୍ମୟ ଗିରି ୫୪୨, ଦେବସ୍ମିତା ମାରାଣ୍ଡି ୫୪୧, ଆଦିତ୍ୟ ସିଂ ୫୪୦ ନମ୍ବର ରଖି ଏ-୧ ଗ୍ରେଡ୍ ହାସଲ କରିଛନ୍ତି। ୯୦ପ୍ରତିଶତରୁ ଉର୍ଦ୍ଧ୍ୱ ୧୪ଜଣ, ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ୩୨ଜଣ, ୭୦ପ୍ରତିଶତରୁ ଉର୍ଦ୍ଧ୍ୱ ୨୮ଜଣ, ୬୦ପ୍ରତିଶତରୁ ଉର୍ଦ୍ଧ୍ୱ ୧୧ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଫଳାଫଳ ପ୍ରକାଶ ପାଇବା ପରେ ଅଭିଭାବକ ମହଲରେ ଖୁସିର ଲହରି ଖେଳି ଯାଇଛି।

ସେହିପରି ଅଗ୍ରଣୀ ଅନୁଷ୍ଠାନ ପିସିସିର ଛାତ୍ରୀଛାତ୍ରମାନେ ଉତ୍ତମ ସଫଳତା ହାସଲ କରିଛନ୍ତି। ଛାତ୍ର ଶୁଭଙ୍କର ପାଟବନ୍ଧା ସର୍ବାଧିକ ୫୬୬, ଦେବଜ୍ୟୋତି ମଙ୍ଗରାଜ ୫୪୦, ଅର୍ଜ୍ଜୁନ ପୃଷ୍ଟି ୫୩୧, ମାନସ ଜେନା ୫୨୨, ରାଜେଶ୍ୱରୀ ବେହେରା ୫୦୨, କଲ୍ୟାଣୀ ସାମଲ ୪୯୮, ଶୁଭଙ୍କର ବେହେରା ୪୯୧, ଅମରନାଥ ବେହେରା ୪୮୭, ପ୍ରବୀଣ ଦାଶ ୪୮୫, ଗାୟତ୍ରୀ ମଣ୍ଡଳ ୪୮୧ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ସମ୍ପାଦକ ଚନ୍ଦ୍ରକାନ୍ତ ରାଉତ, ପ୍ରଧାନ ଶିକ୍ଷକ ଆଶିଷ ହୋତା, ଅଧକ୍ଷ ଅକ୍ଷୟ ଖିଲାର, ଶିକ୍ଷକ ବିମ୍ବାଧର ପାତ୍ର ଏବଂ ସିଇଓ ଚିତ୍ତରଞ୍ଜନ ରାଉତ, ପ୍ରତିଚୀ ରଞ୍ଜନ ରାଉତ, ଚକ୍ରଧର ରାଉତ ପ୍ରମୁଖ କୃତୀ ଛାତ୍ରୀଛାତ୍ରଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି। ଅନୁଷ୍ଠାନର ପ୍ରତିଷ୍ଠାତା ନିର୍ଦ୍ଦେଶକ ପ୍ରଭଞ୍ଜନ ରାଉତ ସଫଳ ଛାତ୍ରୀଛାତ୍ରଙ୍କ ସାଧନା ପୂର୍ଣ୍ଣ ଜୀବନ ତଥା ସୁନ୍ଦର ଭବିଷ୍ୟତ ପାଇଁ ଶୁଭାଶିଷ ଜଣାଇଛନ୍ତି।

# ବାଲିଆପାଳରେ ଆୟୁଷ ଟପ୍ପର

ବାଲିଆପାଳ,୧୮।୫(ସ୍ୱ.ପ୍ର.)-ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକରେ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ୧୯୫ଜଣ ଏ ୧ ଗ୍ରେଡ୍‌ରେ କୃତକାର୍ଯ୍ୟ ହୋଇଛନ୍ତି। ଦେଭୋଗ ଶ୍ରୀହରିଚରଣ ହାଇସ୍କୁଲର ଆୟୁଷ ଜେନା ସର୍ବୋଚ୍ଚ ୫୮୦ ନମ୍ବର ରଖି ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ନାରାୟଣପୁର କୀର୍ତ୍ତିଚନ୍ଦ୍ର ହାଇସ୍କୁଲର ସାଇଗୋପଲ କୁହ୍ଲାରୀ, ଶିଖା ହାଜରା ଏବଂ ଚଉମୁଖ ଆର୍‌ପି ହାଇସ୍କୁଲର ବିଭୂତି ଭୂଷଣ ଦାସ ୫୭୯ ନମ୍ବର ରଖି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ତୃତୀୟ ସ୍ଥାନରେ ନାରାୟଣପୁର କୀର୍ତ୍ତିଚନ୍ଦ୍ର ହାଇସ୍କୁଲର ଜଗତଜିତ କୁହ୍ଲାରୀ ଏବଂ ଦେଭୋଗର ଶ୍ରୀହରିଚରଣ ହାଇସ୍କୁଲର ଦିବ୍ୟଜ୍ୟୋତି ପ୍ରଧାନ ଉଭୟ ୫୭୭ ନମ୍ବର ରଖି ତୃତୀୟ ସ୍ଥାନରେ ରହିଛନ୍ତି।

# ପ୍ରଶାସନିକ ଅଧିକାରୀ ହେବା ପାର୍ଥରଞ୍ଜନଙ୍କ ଲକ୍ଷ୍ୟ



ବାଲେଶ୍ୱର ଅଫିସ, ୧୮।୫ ବାଲେଶ୍ୱର ଜିଲା ସଦର ବ୍ଲକର ଟପ୍ପର ହୋଇଛନ୍ତି ମାଣିଖମ୍ବ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ପାର୍ଥରଞ୍ଜନ ରାଉତ। ସେ ୫୭୭ ନମ୍ବର (୯୬.୧୬%) ରଖିଛନ୍ତି। ପାର୍ଥରଞ୍ଜନଙ୍କ ଘର ବାହାନଗା ବ୍ଲକ ଖନ୍ତାପଡ଼ା ଅଧୀନ ଜୟପୁର ଗ୍ରାମରେ। ମା' ମଧୁସ୍ମିତା ରାଉତ ଓ ବାପା ଚିତ୍ତରଞ୍ଜନ ରାଉତଙ୍କ ପୁଅ ପାର୍ଥରଞ୍ଜନ ଦିନକୁ ସ୍କୁଲ ଓ ଟ୍ୟୁଶନ୍ ଛାଡି ୬ରୁ ୭ ଘଣ୍ଟା ପରିଶ୍ରମ କରୁଥିଲେ। ଯୁକ୍ତ ୨ରେ ବିଜ୍ଞାନ ପାଠପଢ଼ା ଶେଷ ପରେ ଯୁକ୍ତ ୩ରେ ପଲିଟିକାଲ ଅନର୍ସ ପଢ଼ି ଜଣେ ପ୍ରଶାସନିକ ଅଧିକାରୀ ହେବାକୁ ଲକ୍ଷ୍ୟ ରଖିଛନ୍ତି।

# ବାହାନଗା ବ୍ଲକରେ ଜ୍ୟୋତିରଞ୍ଜନ ଟପ୍ପର



ବାହାନଗା,୧୮।୫(ଡି.ଏନ.ଏ.)-ବାହାନଗା ବ୍ଲକରେ ଟପ୍ପର ହୋଇଛନ୍ତି ଆରୁହାବାଡ ୟୁଏନ ଉଚ୍ଚ ବିଦ୍ୟାଳୟର ଛାତ୍ର ଜ୍ୟୋତିରଞ୍ଜନ ତ୍ରିପାଠୀ। ସେ ବ୍ଲକର ସମସ୍ତ ପରୀକ୍ଷାର୍ଥୀଙ୍କଠାରୁ ସର୍ବାଧିକ ୫୭୯ ମାର୍କ ରଖି ଟପ୍ପର ହୋଇଛନ୍ତି। ସେ ସର୍ବଭାରତୀୟ ପ୍ରଶାସନିକ ସେବାରେ ଯୋଗଦେଇ ଲୋକଙ୍କ ସେବା କରିବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି କହିଛନ୍ତି। ଶିକ୍ଷକ ଗିରିଧାରୀ ତ୍ରିପାଠୀ ଓ ମା' ସସ୍ମିତା ତ୍ରିପାଠୀଙ୍କ ପୁଅ ଜ୍ୟୋତିରଞ୍ଜନ ଦିନକୁ ୧୧ରୁ ୧୨ ଘଣ୍ଟା ପରିଶ୍ରମ କରୁଥିଲେ।

# ଡାକ୍ତର ହେବେ କ୍ରିଷ୍ଣା



ସିମୁଳିଆ, ୧୮।୫(ଡି.ଏନ.ଏ.)-ବାଲେଶ୍ୱର ଜିଲା ସିମୁଳିଆ ବ୍ଲକର ରଘୁନାରାୟଣ ଉଚ୍ଚ ବିଦ୍ୟାଳୟର ଛାତ୍ରୀ କ୍ରିଷ୍ଣା ପାଢୀ ମୋଟ ୬୦୦ରୁ ସର୍ବାଧିକ ୫୭୭ ନମ୍ବର ରଖି ସିମୁଳିଆ ବ୍ଲକ ଟପ୍ପର ହୋଇଛନ୍ତି। ସ୍ଥାନୀୟ ଆନନ୍ଦପୁର ଅଞ୍ଚଳର ଭାନୁମତୀ ଓ ଅନୀଲ କୁମାର ପାଢ଼ୀଙ୍କ ଝିଅ କ୍ରିଷ୍ଣା ଭବିଷ୍ୟତରେ ଜଣେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛନ୍ତି। ସେ ଦୈନିକ ୯ରୁ ୧୦ଘଣ୍ଟା ପାଠ ପଢ଼ିବା ସହିତ ନିଜର ସଫଳତା ପାଇଁ ମା'ବାପାଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଶ୍ରେୟ ଦେଇଛନ୍ତି। ତାଙ୍କ ବାପା ଜଣେ ବ୍ୟବସାୟୀ ହୋଇଥିବା ବେଳେ ମା' ଗୃହିଣୀ। ଶିକ୍ଷକ ନିରଞ୍ଜନ ନାୟକ, ବନମାଳୀ ନାୟକ, ଦିଲୀପ କୁମାର ରଥ, ରଘୁନାରାୟଣ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତି ମହାନ୍ତିଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଶ୍ରେୟ ଦେଇଛନ୍ତି।

# ଆଇଏଏସ୍ ହେବା ସୁରକ୍ଷାଙ୍କ ଲକ୍ଷ୍ୟ



ଖଇରା, ୧୮।୫(ଡି.ଏନ.ଏ.)-ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନହଙ୍ଗ ସରକାରୀ ଉଚ୍ଚ ବିଦ୍ୟାପୀଠର ଛାତ୍ରୀ ସୁରକ୍ଷା ମହାପାତ୍ର ଚଳିତ ମାଟ୍ରିକ ପରୀକ୍ଷାରେ ୫୭୪ ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି। ଆଇଏଏସ୍ ହେବାକୁ ସେ ଲକ୍ଷ୍ୟ ରଖିଛନ୍ତି। ସେ ଦିନକୁ ୧୨ରୁ ୧୫ଘଣ୍ଟା ପରିଶ୍ରମ କରୁଥିଲେ। ତାଙ୍କର ଏହି କୃତିତ୍ୱର ଶ୍ରେୟ ସେ ମା' ବାପା ତଥା ବିଦ୍ୟାଳୟର ଶିକ୍ଷୟତ୍ରୀଶିକ୍ଷକଙ୍କୁ ପ୍ରଦାନ କରିଛନ୍ତି। ବାପା ନାରାୟଣ ଚନ୍ଦ୍ର ମହାପାତ୍ର ତାଳମହୁରୀ ୟୁପି ସ୍କୁଲର ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ କରୁଥିବା ବେଳେ ମା' ମାଳତୀଲତା ଜଣେ ଗୃହିଣୀ।

# ପ୍ରିନ୍ସ ପବ୍ଲିକ ସ୍କୁଲର ଶତ ପ୍ରତିଶତ ସଫଳତା

**ବାରିପଦା ଅଫିସ,୧୮।୫**

## ୨୩ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ପାସ୍

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଫଳ ଗୁରୁବାର ପ୍ରକାଶ ପାଇଛି। ଏହି ପରୀକ୍ଷାରେ ବାରିପଦାସ୍ଥିତ ପ୍ରିନ୍ସ ପବ୍ଲିକ ସ୍କୁଲ ଶତ ପ୍ରତିଶତ ସଫଳତା ହାସଲ କରିଛି। ଏହି ସ୍କୁଲରୁ ଚଳିତବର୍ଷ ମାଟ୍ରିକ ପରୀକ୍ଷା ଦେଇଥିବା ସମସ୍ତ ୨୩ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୩ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଏ(୧) ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥିସହ ୧୭ ଜଣ ଛାତ୍ରୀଛାତ୍ର ୮୦ ପ୍ରତିଶତରୁ ଅଧିକ ଏବଂ ଅବଶିଷ୍ଟ ଛାତ୍ରୀଛାତ୍ର ୭୦ ପ୍ରତିଶତରୁ ଅଧିକ ନମ୍ବର ରଖି ସ୍କୁଲର ଗୌରବ ବୃଦ୍ଧି କରିଛନ୍ତି। ଏନେଇ ଶିକ୍ଷକ, ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି। ବିଦ୍ୟାଳୟର ଛାତ୍ର ସଂଗ୍ରାମ ମାରାଣ୍ଡି ସର୍ବାଧିକ ୯୩ ପ୍ରତିଶତ ନମ୍ବର ରଖିଛନ୍ତି। ଏଥି ସହିତ ସେ ପୂର୍ବ ଭାରତୀୟ ବିଜ୍ଞାନ ମେଳାରେ ମଧ ପ୍ରଥମ ସ୍ଥାନ ହାସଲ କରି ଜାତୀୟସ୍ତରକୁ ମନୋନୀତ ହୋଇଛନ୍ତି। ୯୧ ପ୍ରତିଶତ ନମ୍ବର ରଖି ସୁମନ ସାହୁ ଦ୍ୱିତୀୟ ଓ ୯୦ ପ୍ରତିଶତ ନମ୍ବର ରଖି କୁପୁରା ହାଁସଦା ତୃତୀୟ ସ୍ଥାନରେ ରହିଛନ୍ତି।

ଏହି ସଫଳତା ନିମନ୍ତେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାନ୍ତ ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ,ଶିକ୍ଷକ ଏବଂ ଅଭିଭାବକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ,ପ୍ରିନ୍ସ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁଟର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଏହି ବିଦ୍ୟାଳୟ ଉନ୍ନତ ପାଠପଢ଼ା, ହଷ୍ଟେଲ ସୁବିଧା, କ୍ରୀଡ଼ା ତଥା ଅନ୍ୟାନ୍ୟ ପ୍ରତିଭାର ବିକାଶ ନିମନ୍ତେ ସୁଯୋଗ ପ୍ରଦାନ କରୁଥିବା ହେତୁ ସମଗ୍ର ମୟୂରଭଞ୍ଜ ଜିଲାରେ ଏହି ସ୍କୁଲ ସୁନାମ ଅର୍ଜନ କରି ଆସୁଛି।

# ଔପଦାରେ ଆରାଧନା ପ୍ରଥମ



**ଔପଦା, ୧୮।୫:** ଚଳିତ ମାଟ୍ରିକ ପରୀକ୍ଷାରେ ଔପଦା ବ୍ଲକ ଇଶ୍ୱରପୁର ହାଇସ୍କୁଲର ଆରାଧନା ପାତ୍ର ସର୍ବାଧିକ ୫୫୯ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହି ହାଇସ୍କୁଲର ଛାତ୍ର ଦୀପକ ପରିଡ଼ା ୫୫୬ ନମ୍ବର ରଖି ଦ୍ୱିତୀୟ ସ୍ଥାନ ପାଇଛନ୍ତି। ଏ ନେଇ ଈଶ୍ୱରପୁର ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସଂଘମିତ୍ରା ନାୟକ କହିଛନ୍ତି, ଆରାଧନା ବ୍ଲକସ୍ତରୀୟ ଟପ୍ପର ପାଇବା ସହ ଶହେ ପ୍ରତିଶତ ସଫଳତା ପାଇ ଥିବାରୁ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକ, ଅଭିଭାବିକା ଓ ସ୍ଥାନୀୟ ଅଞ୍ଚଳବାସୀ ଖୁସି ଅଛନ୍ତି।

# ନୀଳଗିରି ବ୍ଲକ: ବିନ୍ଦୁସ୍ମିତା, ଜଗତଜ୍ୟୋତି ଯୁଗ୍ମ ଟପ୍ପର

**ନୀଳଗିରି,୧୮।୫(ସ୍ୱ.ପ୍ର):** ନୀଳଗିରି ବ୍ଲକରେ ଚଳିତବର୍ଷ ୨୦୧୨ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିବା ବେଳେ ୧୯୭୧ ଜଣ ପାସ୍ କରିଛନ୍ତି। ବ୍ଲକରେ ୫୬୭ ନମ୍ବର ରଖି ପ୍ରଥମ ସ୍ଥାନରେ ରହିଛନ୍ତି ଅଯୋଧ୍ୟା ମାରୀଚି ବାଳିକା ଉଚ୍ଚ ବିଦ୍ୟାମନ୍ଦିର ଛାତ୍ରୀ ବିନ୍ଦୁସ୍ମିତା ଚୌଧୁରୀ ଏବଂ ନୀଳଗିରି କେସି ହାଇସ୍କୁଲର ଛାତ୍ର ଜଗତଜ୍ୟୋତି ନାୟକ। ସେହିପରି ୫୬୬ ନମ୍ବର ରଖି ଦ୍ୱିତୀୟ ସ୍ଥାନରେ ସଜନାଗଡ଼ ଭୂଧାରଚଣ୍ଡି ହାଇସ୍କୁଲର ଛାତ୍ରୀ ସସ୍ମିତା ସ ରହିଥିବା ବେଳେ ୫୬୨ ନମ୍ବର ରଖି ତୃତୀୟ ସ୍ଥାନରେ ରହିଛନ୍ତି ନୀଳଗିରି କେସି ହାଇସ୍କୁଲ ଛାତ୍ର ତୁଷାର ଷଡ଼ଙ୍ଗୀ।

# ଶିକ୍ଷକ ସଂଘ ପକ୍ଷରୁ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ସିମୁଳିଆ,୧୮।୫(ଡି.ଏନ.ଏ.):** ବାଲେଶ୍ୱର ଜିଲା ସିମୁଳିଆ ବ୍ଲକର ରଘୁନାରାୟଣ ଉଚ୍ଚ ବିଦ୍ୟାଳୟର ଛାତ୍ରୀ କ୍ରିଷ୍ଣା ପାଢୀ ମୋଟ ୬୦୦ରୁ ସର୍ବାଧିକ ୫୭୭ନମ୍ବର ରଖି ସିମୁଳିଆ ବ୍ଲକର ଟପ୍ପର ହୋଇଛନ୍ତି। ଏହି ଅବସରରେ ଓଷ୍ଟା ଶିକ୍ଷକ ସଂଘ ପକ୍ଷରୁ କ୍ରିଷ୍ଣାଙ୍କୁ ଫୁଲତୋଡା, ଖାତା, କଲମ, ଠାକୁରଙ୍କ ମୂର୍ତ୍ତି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ସଂଘ ସଭାପତି ଭଗବାନ ବାରିକ, ସମ୍ପାଦକ ପ୍ରସନ୍ନ କୁମାର ଧଳ, ପୂର୍ବତନ ସଭାପତି କମଳାକାନ୍ତ ପତି, ନୀରଞ୍ଜନ ନାୟକ, ବନମାଳୀ ନାୟକ, ଦିଲୀପ କୁମାର ରଥ, ରଘୁନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତି ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

# କେନ୍ଦୁଝରରେ ୯୪.୭୧ ପ୍ରତିଶତ ପାସ୍ ହାର

**କେନ୍ଦୁଝର,୧୮।୫ (ସ୍ୱ.ପ୍ର./ଡି.ଏନ୍.ଏ.)**

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତବର୍ଷର ମାଟ୍ରିକ ପରୀକ୍ଷା ଫଳାଫଳ ଗୁରୁବାର ପ୍ରକାଶ ପାଇଛି। ଏଥିରେ କେନ୍ଦୁଝର ଜିଲାର ପାସ୍‌ହାର ୯୪.୭୧ ପ୍ରତିଶତ ରହିଛି। ଚଳିତ ବର୍ଷ ଝିଅମାନେ ପୁଣି ଆଗରେ ରହିଛନ୍ତି। ଜିଲାରୁ ସମୁଦାୟ ୪୭୬ ବିଦ୍ୟାଳୟର ୨୨୮୨୦ ଜଣ ପରିକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେଥିରୁ ୧୧୨୯୩ ଜଣ ଛାତ୍ରୀ ଓ ୧୦୩୨୦ ଜଣ ଛାତ୍ର ଥିବା ଜଣାପଡ଼ିଛି। ୨୧୬୧୩ ଜଣ ପାସ କରିଛନ୍ତି। ଏ-୧ ଗ୍ରେଡ୍‌ରେ ୧୮୦ ଜଣ ପାସ କରିଥିବା ବେଳେ ୧୭୫୮ ଜଣ ଏ-୨, ୩୯୩୮ ଜଣ ବି-୧, ୫୩୦୬ ଜଣ ବି-୨, ୪୬୪୨ ସି, ୩୩୨୯ ଡି, ୨୪୬୦ ଇ ଗ୍ରେଡ୍, ୪୦୧ ଏଫ୍ ଗ୍ରେଡ୍‌ରେ ପାସ କରିଥିବା ଶିକ୍ଷା ବିଭାଗ ପକ୍ଷରୁ ଜଣାପଡ଼ିଛି। ୭୪୫ ଜଣ ପରୀକ୍ଷାରୁ ଅନୁପସ୍ଥିତ ଥିଲେ। ୬୧ ଜଣ କପି କରିବା ସମୟରେ ଧରା ପଡ଼ିଥିଲେ।

## ଭାଗ୍ୟଶ୍ରୀ ଜିଲା ଟପ୍ପର



ବଡ଼ବିଲ,୧୮।୫(ସ୍ୱ.ପ୍ର.): କେନ୍ଦୁଝର ଜିଲା ବଡ଼ବିଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ଭାଗ୍ୟଶ୍ରୀ ପ୍ରଧାନ ଚଳିତ ମାଟ୍ରିକ ପାରୀକ୍ଷାରେ ମୋଟ ୯୫.୫ ପ୍ରତିଶତ (୫୭୩ ନମ୍ବର) ରଖି ଜିଲାରେ ଟପ୍ପର ହୋଇଛନ୍ତି। ଦିନକୁ ୭ ରୁ ୮ ଘଣ୍ଟା ପରିଶ୍ରମ କରି ସଫଳତା ପାଇଥିବା ଭାଗ୍ୟଶ୍ରୀ କହିବା ସହ ମାଆ, ବାପା, ଟ୍ୟୁସନ ସାର, ପ୍ରତିଭା ଦିଦିଙ୍କୁ ଶ୍ରେୟ ଦେଇଛନ୍ତି। ଆଗାମୀ ଦିନରେ ଡାକ୍ତର ହେବାକୁ ଆଶା ରଖିଛନ୍ତି। ଭାଗ୍ୟଶ୍ରୀଙ୍କ ସଫଳତା ପାଇଁ ବିଦ୍ୟାଳୟ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅଭିଭାବକଙ୍କ ସହ ବିଭିନ୍ନ ମହଲରୁ ଶୁଭେଚ୍ଛାର ବାର୍ତ୍ତା ଆସୁଛି।

## ଏକ୍ସ ରେଗୁଲାର ୮୧.୮୭, ପତ୍ର ବିନିମୟରେ ୯୫.୬୫ ଶତକଡ଼ା ପାସ୍ ହାର

ଜିଲାରେ ଏକ୍ସରେଗୁଲାର ପରୀକ୍ଷାର୍ଥୀ ଭାବେ ୧୦୮ ବିଦ୍ୟାଳୟରୁ ୧୯୩ ଜଣ ଫର୍ମ ଭରିଥିବା ବେଳେ ୧୭୫ ଛାତ୍ରୀଛାତ୍ରୀ ପରୀକ୍ଷା ଦେଇଥିଲେ। ଏମାନଙ୍କ ମଧ୍ୟରୁ ୯୦ ଜଣ ବାଳକ ଓ ୬୮ ଜଣ ବାଳିକାଙ୍କୁ ମିଶାଇ ୧୫୮ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଏକ୍ସରେଗୁଲାର ପାସ୍‌ହାର ୮୧.୮୭ ପ୍ରତିଶତ ହୋଇଥିବାବେଳେ ୩୪ ଜଣ ପରୀକ୍ଷାର୍ଥୀ କମ୍ପାଟମେଣ୍ଟାଲ ପରୀକ୍ଷା ଦେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ପତ୍ର ବିନିମୟ ପାଠ୍ୟକ୍ରମ ପରୀକ୍ଷାରେ ୨୩ ଜଣ ପରୀକ୍ଷାର୍ଥୀ ନିୟମିତ ଭାବେ ପରୀକ୍ଷା ଦେଇଥିଲେ। ୯୫.୬୫ ପ୍ରତିଶତ ସଫଳତା ମିଳିଥିବା ଜଣାପଡିଛି। ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହ ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ପଛୁଆ ବର୍ଗ ବିଭାଗ ପରିଚାଳିତ ୨୭ ବିଦ୍ୟାଳୟର ଶତ ପ୍ରତିଶତ ସଫଳତା

କେନ୍ଦୁଝର ଜିଲାରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟମାନଙ୍କର ସଫଳତା ୯୯.୬ ଶତକଡ଼ା ରହିଛି। ବିଭାଗ ଦ୍ୱାରା ପରିଚାଳିତ ମୋଟ୍ ୩୧ ବିଦ୍ୟାଳୟର ୧୮୪୩ ଜଣ ଛାତ୍ରୀଛାତ୍ର ଫର୍ମ ଭରିଥିବା ବେଳେ ୧୮୩୪ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୮୨୭ ଜଣ ଛାତ୍ରୀଛାତ୍ର ପାସ କରିଛନ୍ତି। ୭ ଛାତ୍ରୀଛାତ୍ର ଫେଲ୍ ହୋଇଛନ୍ତି। ୨୭ ଟି ଉଚ୍ଚ ବିଦ୍ୟାଳୟର ଶତ ପ୍ରତିଶତ ସଫଳତା ହାସଲ କରିଥିବା ଜଣାପଡ଼ିଛି। ଜିଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## କଳିଙ୍ଗ କୁମାର ଜିଲାରେ ଦ୍ୱିତୀୟ



ପାଟଣା,୧୮।୫(ସ୍ୱ.ପ୍ର.): ଚଳିତ ବର୍ଷ ଉଚ୍ଚ ମାଧ୍ୟମିକ ପରିଷଦ କଟକ ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ଗୁରୁବାର ପ୍ରକାଶ ପାଇଛି। କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଚେମଣା ନୋଡ଼ାଲ ହାଇସ୍କଲର ଛାତ୍ର କଳିଙ୍ଗ କୁମାର ସାହୁ ସର୍ବାଧିକ ୯୫.୧୬ ପ୍ରତିଶତ (ମୋଟ ୫୭୧ନମ୍ବର) ରଖି ବ୍ଲକ୍ ଟପ୍ପର ହେବା ସହ ଜିଲାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେ ତୁରୁମୁଙ୍ଗା ଗାଁ ଜ୍ୟୋତିକିଶୋର ସାହୁ ଓ ରାଜଲକ୍ଷ୍ମୀ ସାହୁଙ୍କ ପୁଅ। କଳିଙ୍ଗ ଭବିଷ୍ୟତରେ ଡାକ୍ତର ହେବାକୁ ଆଶା ରଖିଥିବା କହିଛନ୍ତି। ସେହିପରି ଉକ୍ତ ସ୍କୁଲ୍‌ର ହିମାଂଶୁ ଶେଖର ପୃଷ୍ଟି ୯୪.୫ପ୍ରତିଶତ(୫୬୭ ନମ୍ବର) ରଖି ଜିଲାରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପାଟଣା ମୁଖ୍ୟାଳୟ ପୁରାତନ ସରକାରୀ ଗୋପୀନାଥ ନାରାୟଣ ଉଚ୍ଚ ବିଦ୍ୟାଳୟର ଛାତ୍ର ତନ୍ମୟ ଶତପଥୀ ବିଦ୍ୟାଳୟରେ ସର୍ବୋଚ୍ଚ ୯୩.୩୩ ପ୍ରତିଶତ (ମୋଟ ୫୬୦ )ନମ୍ବର ନମ୍ବର ରଖିଛନ୍ତି। ସେ ଶିକ୍ଷକ ଦମ୍ପତି ଶ୍ରୀନିବାସ ଶତପଥୀ ଓ ଝୁନୁ ରାଣୀ ପଣ୍ଡାଙ୍କ ପୁଅ।

